ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.02 Bhubaneswar Thursday, February 03, 2022 | ୨୫ତମ ବର୍ଷ ସଂଖ୍ୟା-୦୨ ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୦୩, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS


# ଦୈନିକ 'ପର୍ଯ୍ୟବେକ୍ଷକ'ର ଚବିଶତମ ପ୍ରତିଷ୍ଠା ଦିବସ ପାଳିତ




ଭୁବନେଶ୍ୱର, ୨।୨(ପି.ଏନ): ଦୈନିକ 'ପର୍ଯ୍ୟବେକ୍ଷକ'ର ଚବିଶତମ ପ୍ରତିଷ୍ଠା ଦିବସ ମହାସମାରୋହରେ ଭର୍ଚ୍ୟୁଆଲ ମାଧ୍ୟମ ଗୁଗୁଲମିଟି ଜରିଆରେ ପାଳିତ ହୋଇଯାଇଅଛି। ଉକ୍ତ ସମାରୋହକୁ ଓଡ଼ିଶା ବିଧାନସଭାର ବାଚସ୍ପତି ଡକ୍ଟର ସୂର୍ଯ୍ୟନାରାୟଣ ପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବାଚସ୍ପତି ତାଙ୍କ ଅଭିଭାଷଣରେ କରୋନା ସଙ୍କଟ ଯୋଗୁ ଛାପାଗଣମାଧ୍ୟମ କିପରି ଭୀଷଣ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି ତାହା ବର୍ଣ୍ଣନା କରିଥିଲେ। ମୁଖ୍ୟଅତିଥି ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ କରୋନା ଯୋଗୁଁ ଶିକ୍ଷା କ୍ଷେତ୍ରରେ ଉତ୍ପନ୍ନ ସଙ୍କଟ ବିଷୟରେ ବିଶଦ୍ ଭାବେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭୁବନେଶ୍ୱରର ପୂର୍ବତନ ସାଂସଦ ତଥା ସ୍ୱନାମଧନ୍ୟ କବି ପ୍ରଫେସର ଡକ୍ଟର ପ୍ରସନ୍ନ ପାଟଶାଣୀ ନିଜ ଚିରାଚରିତ ବକ୍ତବ୍ୟ ମାଧ୍ୟମରେ ସମସ୍ତଙ୍କୁ ମୁଗ୍ଧ କରିଥିଲେ। ସମ୍ମାନିତ ଅତିଥି ବ୍ରହ୍ମପୁର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର କୁଳପତି ବିଶିଷ୍ଟ ଶିକ୍ଷାବିତ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି କରୋନା ସମୟରେ ଦିଆଯାଉଥିବା ଅନ୍‌ଲାଇନ ଶିକ୍ଷାର ଉଭୟ ସକରାତ୍ମକ ଓ ନକରାତ୍ମକ ଦିଗ ବିଷୟରେ ବିଶେଷ ଭାବେ ଆଲୋଚନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ବିଶିଷ୍ଟ ବୈଜ୍ଞାନିକ ସ୍ୱନାମଧନ୍ୟା ଚିକିତ୍ସିକା ଭୁବନେଶ୍ୱର ଆଞ୍ଚଳିକ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶିକା ଡକ୍ଟର ସଂଘମିତ୍ରା ପତି ବିଗତ ଦୁଇ ବର୍ଷର କରୋନା ସମ୍ପର୍କିତ ଗବେଷଣାକୁ ନେଇ ନିଜର ବ୍ୟକ୍ତିଗତ ଅନୁଭବକୁ ଅତ୍ୟନ୍ତ ସୁନ୍ଦର ଭାବରେ ବର୍ଣ୍ଣନା କରିଥିଲେ। କରୋନା ମହାମାରୀ ଉତ୍ପନ୍ନ ସଙ୍କଟମୟ ପରିସ୍ଥିତିକୁ ସୁଯୋଗରେ ପରିଣତ କରିବା ଦିଗରେ ସେ ଗୁରୁତ୍ୱ ଆରୋପ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ଉପମହାନିର୍ଦ୍ଦେଶକ ଶ୍ରୀ ଧ୍ରୁବ ନନ୍ଦ କରୋନା ସମୟରେ ଯୋଗାଇ ଦିଆଯାଉଥିବା ଅନଲାଇନ ଶିକ୍ଷାର ବୈଷୟିକ ଦିଗ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସନ୍ଧ୍ୟାରେ ଆୟୋଜିତ ଦ୍ୱିତୀୟ ଅଧିବେଶନକୁ ଅମରକଣ୍ଟକରେ ଅବସ୍ଥିତ ସ୍ୱାମୀ ଶୈଳେନ୍ଦ୍ର ସରସ୍ୱତୀ ଉଦ୍‌ଘାଟନ କରିଥିଲେ। ଜୀବନ ଜୀବିକା ଉପରେ କରୋନାର ପ୍ରଭାବ ଶୀର୍ଷକ ଜାତୀୟ ଆଲୋଚନାଚକ୍ରରେ ସମ୍ମାନୀତ ବକ୍ତା ଭାବେ ନୂଆଦିଲ୍ଲୀସ୍ଥିତ ଭାରତୀୟ ବ୍ୟାଙ୍କ ସଂଘର ବରିଷ୍ଠ ଉପଦେଷ୍ଟା ଶ୍ରୀ ବିକାଶ କୁମାର ମିଶ୍ର, ୱାର୍କିଂ ଜୋର୍ଣ୍ଣାଲିଷ୍ଟ ଅଫ୍ ଇଣ୍ଡିଆର ମହା ସଚିବ ନରେନ୍ଦ୍ର ଭଣ୍ଡାରୀ, ପ୍ରେସ୍ କାଉନସିଲ ଅଫ ଇଣ୍ଡିଆର ସଦସ୍ୟ ଅଖିଲେଶ ଶୁକ୍ଲା, ଆଇଏଫଏସଏମଏନ ଓ ଏନଏମସିର ସଭାନେତ୍ରୀ ପୁଷ୍ପା ପାଣ୍ଡିଆ, ଭାରତୀୟ ନରେନ୍ଦ୍ର ମୋଦୀ ସଂଘର ସଭାପତି ମନୋଜ କୁମାର ତୋମର, ଏନଏଲସିର ଜାତୀୟ ସଭାପତି ଆଡ଼ଭୋକେଟ ମ୍ୟାଥୁସ୍ ନେଡୁମ୍ପୁରା ପ୍ରମୁଖ ନିଜ ନିଜର ସୁଚିନ୍ତିତ ମତ ବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ପଣ୍ଡିତ ଇତିକାନ୍ତ ଦାଶ ଓ ପଣ୍ଡିତ ଦିବାକର ପଣ୍ଡା ବେଦ ପାଠ କରିଥିଲେ। 'ପର୍ଯ୍ୟବେକ୍ଷକ'ର ମୁଖ୍ୟ ସମ୍ପାଦକ ଡକ୍ଟର ପବିତ୍ର ମୋହନ ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ କରିବା ସହ ବିଜୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ରେଳ ବଜେଟ୍‌ରେ ଓଡିଶାକୁ ୯୭୩୪ କୋଟି, ଫୋକସ୍‌ରେ ଖୋର୍ଦ୍ଧା-ବଲାଙ୍ଗିର

ଭୁବନେଶ୍ୱର, ୨।୨(ପି.ଏନ): କେନ୍ଦ୍ର ବଜେଟରେ ଓଡିଶାକୁ ରେଳବାଇ କ୍ଷେତ୍ରରେ ୯୭୩୪ କୋଟି ଟଙ୍କାର ଅନୁଦାନ ମିଳିଛି। ପୂର୍ବତଟ ରେଳବାଇକୁ ଆବଣ୍ଟିତ ଅନୁଦାନରେ ସର୍ବାଧିକ ଗୁରୁତ୍ୱ ବହୁଚର୍ଚ୍ଚିତ ଖୋର୍ଦ୍ଧା-ବଲାଙ୍ଗିର ଓ ଅନୁଗୋଳ-ସୁକିନ୍ଦା ରେଳମାର୍ଗକୁ ମିଳିଛି। ଏହାସହିତ ଭୁବନେଶ୍ୱର ରେଳଷ୍ଟେସନରେ ଆଉ ଏକ ନୂଆ ପ୍ଲାଟଫର୍ମ ନିର୍ମାଣ ସହ ସବୁ ପ୍ଲାଟଫର୍ମକୁ ସଂଯୋଗ କରୁଥିବା ଫୁଟ ଓଭରବ୍ରିଜ୍ ମଧ୍ୟ ନିର୍ମାଣ ହେବ ବୋଲି ଜଣାପଡିଛି।କେନ୍ଦ୍ର ରେଳ ମନ୍ତ୍ରଣାଳୟର ୨୦୨୨-୨୩ ଆର୍ଥିକ ବର୍ଷର ପିଙ୍କ ବୁକ୍ ଅନୁସାରେ ପୂର୍ବତଟ ରେଳବାଇ ଅର୍ନ୍ତଗତ ୯ଟି ନୂଆ ରେଳମାର୍ଗ ନିର୍ମାଣ ଓ ୨୧ଟି ରେଳମାର୍ଗର ଦୋହରୀକରଣ ନିମନ୍ତେ ବଜେଟରେ ବ୍ୟୟବରାଦ ହୋଇଛି। ୩ଦଶନ୍ଧିରୁ ଅଧିକ ସମୟ ଧରି ଅସମ୍ପୂର୍ଣ୍ଣ ଥିବା ଖୋର୍ଦ୍ଧା ରୋଡ-ବଲାଙ୍ଗିର(୨୮୯କିମି) ରେଳମାର୍ଗ ପାଇଁ ବଜେଟରେ ୮୯୧.୫୫କୋଟି ଟଙ୍କାର ବ୍ୟୟବରାଦ ହୋଇଥିବାବେଳେ ଅନୁଗୋଳ-ସୁକିନ୍ଦା ରୋଡ(୯୮.୭କିମି) ପାଇଁ ୪୭୫ କୋଟି ଟଙ୍କା, ତାଳଚେର-ବିମଳାଗଡ(୧୫୪କିମି) ପାଇଁ ୨୫୦କୋଟି ଟଙ୍କା, ହରିଦାସପୁର-ପାରାଦୀପ(୮୨କିମି) ପାଇଁ ୮୫କୋଟି ଟଙ୍କା, ଜୟପୁର-ମାଲକାନଗିରି(୧୩୦କିମି) ପାଇଁ ୧୩.୮୦କୋଟି ଟଙ୍କା, ଜୟପୁର-ନବରଙ୍ଗପୁର (୩୮କିମି) ପାଇଁ ୮୧କୋଟି ଟଙ୍କା, ନୂଆପଡା-ଗୁଣୁପର-ଥେରୁଭାଲି ପର୍ଯ୍ୟନ୍ତ(୭୯.୧୫କିମି) ପାଇଁ ୧୦କୋଟି ଟଙ୍କା, ତାଳଚେର-ଅନୁଗୁଳ ପାଇଁ ୧୮କୋଟି ଟଙ୍କା ବ୍ୟୟବରାଦ ହୋଇଛି ।ଚଳିତ ବଜେଟରେ ପୂର୍ବତଟ ରେଳବାଇ ଅନ୍ତର୍ଗତ ନୂଆ ରେଳଲାଇନ୍ ପାଇଁ ୩୧୭.୧୮କୋଟି ଟଙ୍କାକୁ ମିଶାଇ ମୋଟ ୧୮୦୬.୦୯କୋଟି ଟଙ୍କାର ବ୍ୟୟବରାଦ ହୋଇଛି ।ସେହିପରି ପୂର୍ବତଟ ରେଳବାଇର ମୋଟ ୨୧ଟି ରେଳମାର୍ଗର ଦୋହରୀକରଣ ପାଇଁ ଚଳିତ ବଜେଟରେ ୧୮୬୧.୧୪କୋଟି ଟଙ୍କାକୁ ମିଶାଇ ମୋଟ ୪୨୩୭.୦୫କୋଟି ଟଙ୍କା ବ୍ୟୟବରାଦ ହୋଇଛି । ଏଥିରେ ଖୋର୍ଦ୍ଧା-ବାରଙ୍ଗ(୩୫କିମି) ତୃତୀୟ ରେଳ ଲାଇନ୍ ପାଇଁ ୧୬୪କୋଟି ଟଙ୍କା, ଝାରସୁଗୁଡା-ରେଙ୍ଗାଲି(୨୫କିମି) ପାଇଁ ୧୫କୋଟି ଟଙ୍କା, ବିଜୟନଗରମ-କୋଟାଭାଲାସ(୩୪.୭କିମି)ର ତୃତୀୟ ଲାଇନ୍ ପାଇଁ ୧୩କୋଟି ଟଙ୍କା, ସମ୍ବଲପୁର-ଟିଟିଲାଗଡ(୧୮୨କିମି) ପାଇଁ ୯୯.୫୩କୋଟି ଟଙ୍କା, ବାଂଶପାଣି-ଡୈତାରୀ-ଟମକା-ଜଖପୁରା(୧୮୦କିମି) ପାଇଁ ୩୦୦କୋଟି ଟଙ୍କା, ସମ୍ବଲପୁର-ତାଳଚେର ପାଇଁ ୧୭୨.୫୦କୋଟି, ଭଦ୍ରକ-ନିର୍ଗୁଣ୍ଡି ତୃତୀୟ ଲାଇନ ପାଇଁ ୩୫୧କୋଟି ଟଙ୍କା, ବିଜୟନଗରମ-ସମ୍ବଲପୁର(ଟିଟିଲାଗଡ) ୯୬୧କୋଟି ଟଙ୍କା ବ୍ୟୟବରାଦ ହୋଇଛି। ତେବେ ଡେଲାଙ୍ଗ-ପୁରୀ(୨୮.୭କିମି) ପାଇଁ ଟୋକନ୍ ଭାବେ ୧କୋଟି ଟଙ୍କା ବରାଦ ହୋଇଥିବା ଜଣାପଡିଛି ।ଏସବୁ ବ୍ୟତୀତ କଟକ-ବାରଙ୍ଗ ରୋଡରେ ଥିବା ରେଳ ଫାଟକ ନିକଟରେ ଫ୍ଲାଏଓଭର ନିର୍ମାଣ, ରଘୁନାଥପୁର-ଗୋରଖନାଥ ପାଖରେ ଫ୍ଲାଏଓଭର, କେନ୍ଦ୍ରାପଡା ରୋଡ-କଟକ ମାର୍ଗରେ ଫ୍ଲାଏଓଭର ନିର୍ମାଣ ପାଇଁ ବ୍ୟୟବରାଦ ହୋଇଛି ।ସେହିପରି ଭୁବନେଶ୍ୱରର ଚନ୍ଦ୍ରଶେଖରପୁରଠାରେ ଥିବା ରେଳବାଇ କଲୋନୀର ସମସ୍ତ ଜାଗାକୁ ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣ(ବିଡିଏ)ଠୁ ସିଧାସଳଖ କ୍ରୟ ନିମନ୍ତେ ମଧ୍ୟ ବଜେଟରେ ବ୍ୟୟବରାଦ ହୋଇଥିବା ଜଣାପଡିଛି ।ଓଡିଶା ମଧ୍ୟରେ ପୂର୍ବତଟ ରେଳବାଇ,ଦକ୍ଷିଣ ପୂର୍ବ ରେଳବାଇ ଓ ଦକ୍ଷିଣ-ପୂର୍ବ ସେଣ୍ଟ୍ରାଲ ରେଳବାଇର ବିଭିନ୍ନ ଡିଭିଜନ ରହିଥିବାରୁ ୨୦୨୨-୨୩ ଆର୍ଥିକ ବର୍ଷର ରେଳବଜେଟରେ ଓଡିଶାକୁ କେତେ ପରିମାଣର ଅନୁଦାନ ମିଳିଛି ତାହା ସ୍ପଷ୍ଟ ହୋଇପାରିନି ।ସୂଚନାଯୋଗ୍ୟ, ୨୦୨୨-୨୩ ଆର୍ଥିକ ବର୍ଷରେ ଓଡିଶାକୁ ରେଳବାଇ କ୍ଷେତ୍ରରେ ୭୬୦୦କୋଟି ଟଙ୍କାର ଅନୁଦାନ ଦେବାକୁ ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଦାବି କରିଥିଲେ । ୨୦୨୧-୨୨ ଆର୍ଥିକ ବର୍ଷରେ ଓଡିଶାକୁ ୬୯୯୫.୫୮କୋଟି ଟଙ୍କାର ଅନୁଦାନ ରେଳବାଇ କ୍ଷେତ୍ରରେ ମିଳିଥିଲା ।




## ଦୁର୍ନୀତି ଅଭିଯୁକ୍ତିଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ : ବରିଷ୍ଠ ଆଇ.ଏ.ଏସ୍. ବିନୋଦ କୁମାର ଚାକିରୀରୁ ବରଖାସ୍ତ

ଭୁବନେଶ୍ୱର, ୨।୨(ପି.ଏନ): ଦୁର୍ନୀତି ଅଭିଯୋଗ ପ୍ରମାଣିତ ହେବା ପରେ ରାଜ୍ୟ ସରକାର ବରିଷ୍ଠ ଆଇ.ଏ.ଏସ୍ ଅଫିସର ତଥା ଓଡିଶା ଗ୍ରାମ୍ୟ ଗୃହ ନିର୍ମାଣ ନିଗମର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ବିନୋଦ କୁମାରଙ୍କୁ ଚାକିରୀ ରୁ ବରଖାସ୍ତ କରିଛନ୍ତି ।ଶ୍ରୀ କୁମାର ଙ୍କୁ ଚାକିରୀ ରୁ ବରଖାସ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତାବରେ କେନ୍ଦ୍ର ସରକାର ମଧ୍ୟ ସମ୍ମତି ପ୍ରଦାନ କରିଛନ୍ତି ।ସୂଚନାଯୋଗ୍ୟ ଯେ ଶ୍ରୀ କୁମାର ଓଡିଶା ଗ୍ରାମ୍ୟ ଗୃହ ନିର୍ମାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଥିବା ସମୟରେ ମହାବାତ୍ୟା ପରେ ପରେ ବିଭିନ୍ନ ନକଲି ଫାର୍ମ ତଥା ବ୍ୟକ୍ତିଙ୍କ ପ୍ରତି ଅନୁଚିତ ଅନୁଗ୍ରହ ପ୍ରଦାନ କରି ୩୩ କୋଟି ୩୪ ଲକ୍ଷ ଟଙ୍କା ବେଆଇନ ଭାବେ ମଂଜୁର କରିଥିଲେ । ଯାହାଦ୍ୱାରା କି ରାଜ୍ୟ ସରକାରଙ୍କର ବିପୁଳ ଆର୍ôକ କ୍ଷତି ହୋଇଥିଲା । ସେଥିପାଇଁ ଶ୍ରୀ କୁମାରଙ୍କ ବିରୁଦ୍ଧରେ ଓଡିଶା ସରକାର ୨୭ଟି ଭିଜିଲାନ୍ସ କେସ୍ ଦାୟର କରିଥିଲେ । ତନ୍ମଧ୍ୟରୁ ଦୁଇଟି କେସ୍‌ରେ ଶ୍ରୀ କୁମାର ଦୋଷୀ ସାବସ୍ତ ହୋଇଛନ୍ତି ।ରାଜ୍ୟ ସରକାର ସବୁବେଳେ ଦୁର୍ନୀତି ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ନେଇଆସିଛନ୍ତି । ଦୁର୍ନୀତି କରିଥିବା ବ୍ୟକ୍ତିମାନେ ଯେତେ ଉଚ୍ଚ ପଦପଦବୀରେ ଥାନ୍ତୁ ନା କାହିଁକି, ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାର ବଦ୍ଧପରିକର ।

## ପରଲୋକରେ ଜ୍ୟୋତିର୍ବିଦ ପୁରୋହିତ ପଣ୍ଡିତ ହରିହର

ରଣପୁର, ୨।୨(ପି.ଏନ): ଆଉନାହାନ୍ତି ଜ୍ୟୋତିର୍ବିଦ ଗବେଷକ, ପଣ୍ଡିତ ତଥା ପୁରୋହିତ ହରିହର ନାୟକ। ୯୦ବର୍ଷ ବୟସରେ ସେ ପରଲୋକ ଗମନ କରିଛନ୍ତି। ୨୯ଜାନୁଆରୀ, ୨୦୨୨ ଶନିବାର ମାଘ ମାସ ନବମ ଦିବସେ, ମକର୧୬ଦିନ, କୃଷ୍ଣପକ୍ଷ, ଦ୍ୱାଦଶୀ ତିଥି ସଂଧ୍ୟା ୭ଟା୪୫ମନି ଟରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି ପଣ୍ଡିତ ହରିହର। ୩ ଜୁଲାଇ ୧୯୩୨ମସିହା ରବିବାର ଆଷାଢ଼ ମିଥୁନ ମାସ ଅମାବାସ୍ୟା ତିଥି ରାତ୍ର ପାହାନ୍ତା ୩ଟା୧୫ମିନିଟରେ ନୟାଗଡ ଜିଲ୍ଲା ରଣପୁର ଅନ୍ତର୍ଗତ ମହତପଲ୍ଲୀ ଗ୍ରାମରେ ଜନ୍ମ ଗ୍ରହଣକରିଥିଲେ। ବାର୍ଦ୍ଧକ୍ୟ ଜନିତକାର ଣରୁ ତାଙ୍କର ମୃତ୍ୟୁ ଘଟିଛି। ଜ୍ୟୋତିର୍ବିଦ୍ୟା ଗବେଷକ ତଥା ଜ୍ୟୋତିଷ ଶାସ୍ତ୍ର ବିଶାରଦ ଭାବେ ବେଶ ଖ୍ୟାତି ଲାଭ କରିଛନ୍ତି ପଣ୍ଡିତ ହରିହର। କର୍ମକାଣ୍ଡି ପୁରୋହିତ ଭାବେ ତାଙ୍କର ସୁନାମ ରହିଛି। ଜ୍ୟୋତିଷ ଶାସ୍ତ୍ରଗବେଷଣା ଓ ସଠିକ ଆକଳନ ତଥା ନିର୍ଭୁଲ ଭବିଷ୍ୟବାଣୀ ପ୍ରଦାନରେ ସେ ଥିଲେ ସିଦ୍ଧହସ୍ତ ଓ ପାରଙ୍ଗମ। ନୟାଗଡ , ଖୋର୍ଦ୍ଧା, ପୁରୀ ସମେତ ଓଡ଼ିଶାର ଅଧିକାଂଶ ଜିଲ୍ଲାବାସୀଙ୍କ ଆଗମନ ହେଉଥିଲା ମହତପଲ୍ଲୀଗ୍ରାମକୁ। ସବୁରୀ ମହଲରେ ଏବଂ ସବୁରୀ ନଜରରେ ସେ ଥିଲେ ଜଣେ ନିର୍ଭର ଯୋଗ୍ୟ ତଥା ବିଶ୍ୱାସ ଯୋଗ୍ୟ ଜ୍ୟୋତିର୍ବିଦ। ସୁଦୂର କଟକ, ଭୁବନେଶ୍ୱର, ବ୍ରହ୍ମପୁର ଆଦି ସହରରୁ ଭାଗ୍ୟ ଭବିଷ୍ୟ ଜାଣିବାକୁ ତାଙ୍କ ପାଖକୁ ଦୌଡ଼ିଆସୁଥିଲେ ଲୋକମାନେ। ଯଥେଷ୍ଟ ସମ୍ମାନର ଅଧିକାରୀ ହୋଇପାରିଛନ୍ତି ସେ। ସୁନାମ ଅର୍ଜନରେ ସେ ଥିଲେ ବେଶ ଚର୍ଚ୍ଚିତ ଆଉ ଜନାଦୃତ। ତାଙ୍କର ଅବର୍ତ୍ତମାନରେ ସମସ୍ତ ପଣ୍ଡିତ, ପୁରୋହିତ ଏବଂ ଅଞ୍ଚଳବାସୀଙ୍କ ମନରେ ଶୋକର ବାତାବରଣ ସୃଷ୍ଟି କରିଛି। ସୌର ବ୍ରାହ୍ମଣ ପରିଷଦ, ଶାକ ଦ୍ୱୀପ ବୈଦିକ ବ୍ରାହ୍ମଣ ସଂଗଠନ ଆଦି ବିଭିନ୍ନ ବ୍ରାହ୍ମଣ ସଂଘ ପକ୍ଷରୁ ଶୋକ ବ୍ୟକ୍ତ କରାଯାଇଛି। ଦୈନିକ ଖବରକାଗଜ ପର୍ଯ୍ୟବେକ୍ଷକ ତଥା କଳିଙ୍ଗକ୍ରନିକଲର ସଂପାଦକ ଡଃ ପବିତ୍ର ମୋହନ ସାମନ୍ତରାୟ ଗଭୀର ଶୋକ ପ୍ରକାଶ କରିଛନ୍ତି। ଝୁରୁଛନ୍ତି ପଣ୍ଡିତ ଓ ପୁରୋହିତ ଜଗତ। ପଣ୍ଡିତ ହରିହରଙ୍କ ଦୁଇ ପୁତ୍ର ,ବୋହୂ, ଗୋଟିଏ କନ୍ୟା, ଜ୍ୱାଇଁ ଓ ନାତିନାତୁଣୀମାନେ ଅଛନ୍ତି।










# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି

ବାପା-କିଏ କିଏ ଆସୁଛନ୍ତି ?

ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ। ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁ ଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ। ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍‌ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ରୋବଟ କରେ ହୋଟେଲ କାମ

ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହି କୁହନ୍ତି ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।




# ଡାଲମିଆ ସିମେଣ୍ଟ ଭାରତ ସୌରଶକ୍ତି ପ୍ରକଳ୍ପ ସଂପ୍ରସାରଣ ସହିତ ଅକ୍ଷୟ ଶକ୍ତି କ୍ଷେତ୍ରରେ ପ୍ରତିବଦ୍ଧତାକୁ ଦୃଢିକରଣ କରୁଛି



ଭୁବନେଶ୍ୱର,(ପି.ଏନ): ଅକ୍ଷୟ ଶକ୍ତି କ୍ଷେତ୍ରକୁ ରୂପାନ୍ତରଣ ଦିଗରେ ନିଜର ଦୀର୍ଘସୂତ୍ରୀ ପ୍ରତିବଦ୍ଧତାର ଅଂଶସ୍ୱରୂପ ଏକ ଅଗ୍ରଣୀ ଭାରତୀୟ ସିମେଣ୍ଟ ଉତ୍ପାଦନକାରୀ ଏବଂ ଡାଲମିଆ ଭାରତ ଲିମିଟେଡର ଏକ ସହଯୋଗୀ କମ୍ପାନୀ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ (ଡିସିବିଏଲ୍) ଓଡ଼ିଶାରେ କଟକ ଜିଲ୍ଲାର ଟାଙ୍ଗିଠାରେ ଏହାର ଭୂଭାଗରେ ଅବସ୍ଥିତ ସୌରଶକ୍ତି ପ୍ରକଳ୍ପର କ୍ଷମତା ୧୭.୧ ମେଗାୱାଟକୁ (୨୦୧୪ରେ ୨.୪ ମେଗାୱାଟରୁ) ସମ୍ପ୍ରସାରଣ କରିଛି। ୪୯ ଏକର ପରିମିତ ଜମି ଉପରେ ଅବସ୍ଥିତ ଏହି ସୌର ଶକ୍ତି ପ୍ରକଳ୍ପ ୨୫.୫୨ ଏମୟୁ/ପିଏ ଶକ୍ତି ଉତ୍ପାଦନ କରିବାକୁ ରହିଛି, ଯାହା ଓଡ଼ିଶାର କଟକସ୍ଥିତ କପିଳାସ ସିମେଣ୍ଟ ମାନୁଫାକଚରିଂ ୱାର୍କସ (କେସିଏମ୍‌ଡବ୍ଲୁ)ର ଶକ୍ତି ଆବଶ୍ୟକତା ପୂରଣ ନିମନ୍ତେ ବ୍ୟବହାର କରାଯିବ। ୨୦୪୦ ସୁଦ୍ଧା ଅଙ୍ଗାରକ ବିଯୁକ୍ତ ହେବାପାଇଁ ଡାଲମିଆ ସିମେଣ୍ଟ ଭାରତ ଲିମିଟେଡର ଦୀର୍ଘସ୍ଥାୟୀ ଲକ୍ଷ୍ୟକୁ ଆଗେଇ ନେଇ ଏହି ପ୍ରୟାସ କାରଖାନାର ଶକ୍ତି ଦକ୍ଷତାରେ ବୃଦ୍ଧି ଘଟାଇବ। ଏହି ୧୭.୧ ମେଗାୱାଟ ପ୍ଲାଂଟ କେସିଏମ୍‌ଡବ୍ଲୁ କଟକ କାରଖାନାର ଦିନ ସମୟରେ ଶକ୍ତି ଆବଶ୍ୟକତା ନିର୍ଭରଶୀଳତାକୁ ଜୀବାଶ୍ମ ଇନ୍ଧନ ଉପରେ ପ୍ରାୟ ୪୦%ରୁ ଅଧିକ ହ୍ରାସ କରିବା ଏବଂ ତାହା ସ୍ଥାନରେ ଏକ ସ୍ୱଚ୍ଛ, ପ୍ରଦୂଷଣମୁକ୍ତ ଏବଂ ଅକ୍ଷୟ ଶକ୍ତି ଉତ୍ସ ବ୍ୟବହାର ପାଇଁ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ପ୍ରକାଶ କରି ଡାଲମିଆ ସିମେଣ୍ଟ ଭାରତ ଲିମିଟେଡର ରାଷ୍ଟ୍ରୀୟ ବିନିର୍ମାଣ ମୁଖ୍ୟ ଗଣେଶ ଜିରକୁଣ୍ଡୱାର କହିଛନ୍ତି, ନ୍ତଭାରତର ଅନ୍ୟତମ ଅଗ୍ରଣୀ ସିମେଣ୍ଟ କମ୍ପାନୀ ଭାବରେ ଆମେ କେବଳ ସବୁଜ ନିର୍ମାଣ ସମାଧାନ ଯୋଗାଇଦେଇ ନୁହେଁ, ତାହାସହିତ ଆମର ସାଂଗଠନିକ ମୂଲ୍ୟ ଶୃଙ୍ଖଳରେ ଦୀର୍ଘସ୍ଥାୟୀ କୌଶଳକୁ ସନ୍ନିବେଶିତ କରି ଏକ ଦାୟିତ୍ୱସଂପନ୍ନ ପରିବେଶଗତ ନେତୃତ୍ୱ ନେବା ଦିଗରେ ଆମେ ପ୍ରତିବଦ୍ଧ ରହିଛୁ। ନିରନ୍ତର ଭାବରେ ସବୁଠାରୁ ସ୍ୱଚ୍ଛ ଏବଂ ସବୁଠାରୁ କମ୍ ମୂଲ୍ୟ ବିଶିଷ୍ଟ ଇନ୍ଧନକୁ ଆପଣେଇବା ଦିଗରେ ଆମର ପ୍ରୟାସକୁ କଟକସ୍ଥିତ କେସିଏମ୍‌ଡବ୍ଲୁ କାରଖାନାରେ ସୌର ଶକ୍ତି ପ୍ରକଳ୍ପର ସଂପ୍ରସାରଣ ଏକ ସଠିକ ଗତିଶୀଳତା ପ୍ରଦାନ କରିବା ଆମେ ମନେକରୁଛୁ। ଆମେ ୨୦୩୧ ସୁଦ୍ଧା ଆମର ମୋଟ ସ୍ଥାପିତ ସିମେଣ୍ଟ ଉତ୍ପାଦନ କ୍ଷମତା ୧୧୦ରୁ ୧୩୦ ନିୟୁତ ଟନରେ ପହଞ୍ଚାଇବା ଦିଗରେ ଅଗ୍ରସର ହେଉଥିବାବେଳେ ୨୦୩୦ ସୁଦ୍ଧା ଡିସିବିଏଲ୍‌ର ଦୀର୍ଘସ୍ଥାୟୀ ଲକ୍ଷ୍ୟ ଆରଇ୧୦୦ ହାସଲ ନିମନ୍ତେ ଏହି ପ୍ରୟାସ ସହାୟକ ହେବା ନେଇ ଆମେ ଦୃଢ ନିଶ୍ଚିତ ଅଛୁ।ନ୍ତଏହି ପ୍ରକଳ୍ପ ରେକର୍ଡ ଅଢେଇ ମାସ ମଧ୍ୟରେ କାର୍ଯ୍ୟକାରୀ କରାଯାଇଛି ଏବଂ ଏହାଦ୍ୱାରା ପାରମ୍ପରିକ ଶକ୍ତି ବ୍ୟବହାର ୨୭% ହ୍ରାସ ପାଇବ। ସୌର ଶକ୍ତି ପ୍ରକଳ୍ପରୁ ଶକ୍ତି ବ୍ୟବହାର ବିଶେଷଭାବରେ ପ୍ରତିଷେଧମୂଳକ ରକ୍ଷଣାବେକ୍ଷଣ ଅଥବା ବ୍ରେକଡାଉନ ଭଳି ଜରୁରୀ ପରିସ୍ଥିତିରେ କେସିଏମ୍‌ଡବ୍ଲୁ, କଟକ କାରଖାନାରେ ନିରବଚ୍ଛିନ୍ନ ଉତ୍ପାଦନକୁ ସୁନିଶ୍ଚିତ କରିବ।ସୌର ଶକ୍ତି ପ୍ରକଳ୍ପର ସମ୍ପ୍ରସାରଣ ସମ୍ପର୍କରେ ମତ ଦେଇ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ, କେସିଏମ୍‌ଡବ୍ଲୁ, (କଟକ)ର କାରଖାନା ମୁଖ୍ୟ ଶ୍ରୀ ଭାବେଶ ୱାଲା କହିଛନ୍ତି, ନ୍ତଆମ ପ୍ରକଳ୍ପରେ ସୌର ଶକ୍ତି ଉତ୍ପାଦନ ବ୍ୟବସ୍ଥା ଏବଂ ଅନ୍ୟ ଅକ୍ଷୟ ଶକ୍ତି ଉତ୍ସକୁ ରୂପାନ୍ତରିତ ହୋଇ ଆମେ କ୍ରମାଗତ ଭାବରେ ଆମର ମୋଟାମୋଟି ଅଙ୍ଗାରକ ନିର୍ଗମନକୁ ହ୍ରାସ କରୁଛୁ ଏବଂ ସେହି ସମୟରେ ଆମର ଦୀର୍ଘସ୍ଥାୟୀ ପ୍ରତିବଦ୍ଧତାକୁ ପାଳନ କରିବା ସହିତ ୨୦୩୦ ସୁଦ୍ଧା ଆରଇ୧୦୦ ହାସଲ ଦିଗରେ ଅଗ୍ରସର ହେଉଛୁ। ଏହା ମଧ୍ୟ ଆଗାମୀ ବର୍ଷଗୁଡିକରେ ଆମକୁ ଆମର କ୍ଷମତା ସମ୍ପ୍ରସାରଣ ଯୋଜନାକୁ କାର୍ଯ୍ୟକାରୀ କରିବାରେ ସମର୍ଥ କରାଇବ, ଯେଉଁଥିପାଇଁ ଆମେ ଏକ ସମତୁଲ ଶକ୍ତି ମିଶ୍ରଣକୁ ଏକ ମୁଖ୍ୟ ଫାଇଦା ଭାବରେ ବିବେଚନା କରୁଛୁ। ଏହାର ବ୍ୟବସାୟିକ କାର୍ଯ୍ୟଧାରା - ସ୍ୱଚ୍ଛ ଏବଂ ସବୁଜ ଲାଭଜନକ ଏବଂ ଦୀର୍ଘସ୍ଥାୟୀ-ଆଧାରରେ ଡାଲମିଆ ଭାରତ ଗତ ଦଶନ୍ଧିରେ ଏହାର ଅଙ୍ଗାରକ ନିର୍ଗମନରେ ୨୨% ହ୍ରାସ ଘଟାଇଛି ଏବଂ ସେହି ସମୟରେ ତିନିଗୁଣ ଅଭିବୃଦ୍ଧି ହାସଲ କରିବା ସହିତ ନିଜର ଲାଭ ଉପାର୍ଜନକୁ ଦୁଇଗୁଣ କରିଛି। ସଂପ୍ରତି କମ୍ପାନୀ ବିଶ୍ୱସ୍ତରରେ ଅନ୍ୟତମ ସବୁଠାରୁ କମ୍ ଅଙ୍ଗାରକ ନିର୍ଗମନକାରୀ ହୋଇଛି ଏବଂ ୨୦୪୦ ସୁଦ୍ଧା ଅଙ୍ଗାରକ ବିଯୁକ୍ତ ହେବାକୁ ପ୍ରତିବଦ୍ଧ ରହିଛି।

# କଳା ପଲସରରେ ଆତଙ୍କ,ଦିନ ଦ୍ୱି ପହରରେ ଫାଙ୍କା ଗୁଳିଚାଳନା କରି ଲୁଟି ନେଲେ ଲକ୍ଷାଧିକ ଟଙ୍କା

ଖୋର୍ଦ୍ଧା,(ପିଏନ): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବାଘମାରୀ ଥାନା ଥାନା ଅନ୍ତର୍ଗତ ବାମଡିହ ଛକ ଠାରେ ଦିନଦ୍ୱିପହର ସମୟରେ ଫାଙ୍କା ଗୁଳିଚାଳନା କରି ଖୋର୍ଦ୍ଧାସ୍ଥିତ ମର୍ଡନ ଫର୍ଟିଲାଇଜର କମ୍ପାନୀର କର୍ମଚାରୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲୁଟି କଳା ପଲସର ଯୋଗେ ଆଖି ପିଛୁଳାକେ ଅନ୍ତର୍ଦ୍ଧାନ ହୋଇଯାଇଛନ୍ତି । ଏ ନେଇ ବାଘମାରୀ ଥାନା ପୋଲିସ ଖବର ପାଇ ବିଭିନ୍ନ ସ୍ଥାନରେ ପହଂଚି ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛି । ବାଘମାରୀ ଥାନା ଅଧିକାରିଣୀ ଅର୍ଚ୍ଚନା ମଲ୍ଲିକଙ୍କ ସୂଚନା ମୁତାବକ ଖୋର୍ଦ୍ଧାସ୍ଥିତ ମଡର୍ନ ଫର୍ଟିଲାଇଜର କମ୍ପାନୀର କର୍ମଚାରୀ ପ୍ରତି ବୁଧବାର ଦିନ ନୟାଗଡ, ବୋଲଗଡ ଓ ବେଗୁନିଆ ସମେତ ଅବିଭକ୍ତ ବାଙ୍କୀ ବ୍ଲକର ବିଭିନ୍ନ ସ୍ଥାନରେ ପହଂଚି ଟଙ୍କା କଲେକ୍ସନ କରି ଖୋର୍ଦ୍ଧା ଫେରିଥାନ୍ତି । କିନ୍ତୁ ଆଜି ଅପରାହ୍ନରେ ଉମାକାନ୍ତ ହୋତା ଓ ବିଜୟ କୁମାର ଦାସ ୪ ଲକ୍ଷ ୫୫ ହଜାର ଟଙ୍କା ଭର୍ତି ବ୍ୟାଗ ଧରି ନୟାଗଡରୁ ଖୋର୍ଦ୍ଧା ଅଭିମୁଖେ ବାଇକ ଯୋଗେ ଆସୁଥିବା ସମୟରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ନମ୍ବର ଜାତୀୟ ରାଜପଥର ବେଗୁନିଆ -ବାଘମାରୀ ମଧ୍ୟବର୍ତୀ ବାମଡିହ ଛକ ଠାରେ ୪ ଜଣ ଦୁଇଟି କଳା ପଲସର ଯୋଗେ ଆସି ଫାଙ୍କା ଗୁଳିଚାଳନା କରିଥିଲେ । ଏଥିରେ କର୍ମଚାରୀ ଦୁଇ ଜଣ ଭୟଭୀତ ହୋଇ ରାସ୍ତା ପାର୍ଶ୍ୱରେ ଥିବା ପାଣିଭର୍ତି କେନାଲରେ ଗାଡି ସହ ପଶି ଯାଇଥିଲେ ।ଏଥିରେ କଳା ପଲସର ଦୁର୍ବୃତ୍ତ ଏହାର ସୁଯୋଗ ନେଇ ଟଙ୍କା ଭର୍ତି ବ୍ୟାଗ ଛଡାଇ ନେଇ ଆଖି ପିଛୁଳାକେ ଅନ୍ତର୍ଦ୍ଧାନ ହୋଇ ଯାଇଥିଲେ । ଏ ନେଇ ପୋଲିସ ପକ୍ଷରୁ ବାଘମାରୀ ବଜାରରେ ବିଭିନ୍ନ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଂଚ କରିବା ସହ ପ୍ରାଥମିକ ତଦନ୍ତକୁ ଜୋରଦାର ଭାବେ ଚଳାଇଥିଲେ ।

# ପଂଚାୟତ ନିର୍ବାଚନ ନିମନ୍ତେ ପ୍ରଶାସନ ପକ୍ଷରୁ ପସ୍ତୁତି ଆରମ୍ଭ

ଖୋର୍ଦ୍ଧା, (ପିଏନ): ଖୋର୍ଦ୍ଧାଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ତ୍ରି ସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି ।ଇତି ମଧ୍ୟରେ ନିର୍ବାଚନ ପର୍ଯ୍ୟବେକ୍ଷକ,ପ୍ରିଜାଇଡିଂ ଅଫିସର,ପ୍ରଥମ ପୋଲିଂ ଅଫିସର,ଓ ଦ୍ୱିତୀୟ ପୋଲିଂ ଅଫିସରଦାୟିତ୍ୱ ବଂଟନ ପାଇଁ ବିଭିନ୍ନ ଅନୁଷ୍ଠାନ ଓ ସରକାରୀ ସଂସ୍ଥା ଗୁଡିକୁ ନୋଟିସ ଦିଆଯାଇ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ଅନ୍ତିମ ପର୍ଯ୍ୟାୟରେ ପହଂଚିଛି ।ଜିଲ୍ଲାର ୧୦ ଗୋଟି ବ୍ଲକରେ ଫେବୃୟାରୀ ୧୬ ତାରିଖ ଠାରୁ ୨୪ ତାରିଖ ପର୍ଯ୍ୟନ୍ତ ନିର୍ବାଚନ ଅନୁଷ୍ଠିତ ହେବ ।ସଂଶୋଧିତ ଭୋଟର ତାଲିକାରେ ଜିଲ୍ଲାର ୧୦ ଗୋଟି ବ୍ଲକର ସମୁଦାୟ ୧୦ ଲକ୍ଷ ୩୦ ହଜାର ୬ଶହ ଜଣ ଭୋଟର ପଞ୍ଜୀକୃତ ହୋଇଛନ୍ତି ।ଆସନ୍ତା ୧୬ ତାରିଖରେ ପ୍ରଥମ ପର୍ଯ୍ୟାୟ ଭୋଟ ଟାଙ୍ଗୀ ଓ ବୋଲଗଡ ବ୍ଲକ ,୧୮ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ,ବାଣପୁର ଓ ବେଗୁନିଆ ବ୍ଲକ,୨୦ ତାରିଖରେ ତୃତୀୟ ପର୍ଯ୍ୟାୟ ଭୋଟ ଚିଲିକା ଓ ଖୋର୍ଦ୍ଧା,୨୨ ତାରିଖରେ ଚତୁର୍ଥ ପର୍ଯ୍ୟାୟ ଭୋଟ ବାଲିପାଟଣା ଓ ଭୁବନେଶ୍ୱର ବ୍ଲକ,୨୪ ତାରିଖରେ ପଂଚମ ପର୍ଯ୍ୟାୟ ଭୋଟ ବାଲିଅନ୍ତା ଓ ଜଟଣୀ ବ୍ଲକରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଆପାତତଃ ସ୍ଥିର ହୋଇଛି ।

# ଧର୍ମଶାଳା ପୁଲିସର ଚଢାଉ, ବିପୁଳ ପରିମାଣର ମଦ ଜବତ: ୧ ଗିରଫ



ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ଉତରପ୍ରତାପ ପଂଚାୟତ ଚଇନିହୁଡା ଗ୍ରାମରେ ଜଣକ ଘରେ ପୁଲିସ ଚଢାଉ କରି ବିପୁଳ ପରିମାଣର ବିଦେଶୀ ଓ ଦେଶୀ ମଦ ଜବତ କରିଛି । ସୂଚନା ମୁତାବକ ଚଇନିହୁଡା ଗ୍ରାମର ମଦ ବେପାରୀ ବାବନ ଚରଣ ନାଏକ ଦୀର୍ଘ ଦିନ ହେଲା ଘରେ ମଦ ରଖି ବ୍ୟବସାୟ କରିଆସୁଥିଲା । ଖବର ପାଇ ଧର୍ମଶାଳା ପୁଲିସ ଆଜି ସେଠାରେ ଚଢାଉ କରିଥିଲେ । ଏହି ସମୟରେ ସେ ନିଜ ଘରେ ରଖିଥିବା ୧୫୫ ଲିଟର ବିଦେଶୀ ଓ ଦେଶୀ ମଦ ଜବତ କରିବା ମଦ ବେପାରୀ ବାବନକୁ ପୁଲିସ ଗିରଫ କରିଥିଲା । ଏନେଇ ପୁଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତକୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି ।

# ଆସନ୍ତା ପଂଚାୟତ ନିର୍ବାଚନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ

ଖୋର୍ଦ୍ଧା,(ପି.ଏନ): ଆସନ୍ତା ପଂଚାୟତ ନିର୍ବାଚନ ପାଇଁ ଖୋରଧା ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ଇତି ମଧ୍ୟରେ ନିର୍ବାଚନ ପ୍ରର୍ଯ୍ୟବେକ୍ଷକ, ପ୍ରିଜାଇଡ଼ିଂ ଅଫିସର, ପ୍ରଥମ ପୋଲିଂ ଅଫିସର ଓ ଦ୍ୱିତୀୟ ପୋଲିଂ ଅଫିସର ଦାୟିତ୍ୱ ବଂଟନ ପାଇଁ ବିଭିନ୍ନ ଅନୁଷ୍ଠାନ ଓ ସରକାରୀ ସଂସ୍ଥା ଗୁଡ଼ିକୁ ନୋଟିସ ଦିଆଯାଇ ଅଧିକାରୀ ଓ କର୍ମଚ୍ରରୀ ଚୟନ କାର୍ଯ୍ୟକ୍ରମ ଅନ୍ତିମ ପର୍ଯ୍ୟାୟରେ ପହଂଚି ସାରିଛି। ଜିଲ୍ଲାର ୧୦ଗୋଟି ବ୍ଲକ୍‌ରେ ଫେବୃୟାରୀ ୧୬ ତାରିଖ ମଧ୍ୟରୁ ୨୪ ତାରିଖ ପର୍ଯ୍ୟନ୍ତ ନିର୍ବାଚନ ଅନୁଷ୍ଠିତ ହେବ। ସଂସଦିତ ଭୋଟର ତାଲିକାରେ ଜିଲ୍ଲାର ୧୦ ଗୋଟି ବ୍ଲକ୍‌ର ସମୁଦାୟ ୧୦ ଲକ୍ଷ ୩୦ ହଜାର ୬ଶହ ୯ ଜଣ ଭୋଟର ପଞ୍ଜିକୃତ ହୋଇଛନ୍ତି। ଫେବୃୟାରୀ ୧୬ ତାରିଖ ପ୍ରଥମ ପର୍ଯ୍ୟାୟରେ ଟାଙ୍ଗୀ ଓ ବୋଲଗଡ଼ ବ୍ଲକ୍, ୧୮ ଫେବୃୟାରୀ ଦ୍ୱିତୀୟ ପର୍ଯ୍ୟାୟରେ ବାଣପୁର ଓ ବେଗୁନିଆ ବ୍ଲକ୍, ୨୦ ଫେବୃୟାରୀ ତୃତୀୟ ପର୍ଯ୍ୟାୟରେ ଚିଲିକା ଓ ଖୋରଧା ବ୍ଲକ୍, ୨୨ ଫେବୃୟାରୀ ୪ର୍ଥ ପର୍ଯ୍ୟାୟରେ ବାଲିପାଟଣା ଓ ଭୁବନେଶ୍ୱର ବ୍ଲକ୍, ୨୪ ତାରିଖ ପଂଚମ ପର୍ଯ୍ୟାୟରେ ବାଲିଅନ୍ତା ଓ ଜଟଣୀ ବ୍ଲକ୍‌ରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଆପତତଃ ସ୍ଥିର ହୋଇଛି।

# ଧର୍ମଶାଳା ବ୍ଲକରେ ୧୩୨ଟି ବୁଥ୍ ଉତେଜନା, ୬୩ଟି ବୁଥ୍ ଅତି ଉତ୍ତେଜନା ପ୍ରବଣ ଚିହ୍ନଟ

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକର ୪୫ଗୋଟି ପଂଚାୟତ ପାଇଁ ପ୍ରଥମ ପର୍ଯ୍ୟାୟରେ ଆସନ୍ତା ୧୬ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ । ଏହି ବ୍ଲକର ୬୩୭ ଗୋଟି ବୁଥ ମଧ୍ୟରୁ ୧୩୨ଟି ଉତେଜନା ପ୍ରବଣ ହୋଇଥିବା ବେଳେ ୮୩ଟି ବୁଥ ଅତି ଉତେଜନା ପ୍ରବଣ ହୋଇଥିବା ଚିହ୍ନଟ କରାଯାଇଛି । ଏହି ବ୍ଲକର ୨୯୫ଟି ବୁଥରେ ୱାର୍ଡସଭ୍ୟ ପଦ ଅପ୍ରତିଦ୍ୱନ୍ଦ୍ୱୀତା ଥିବା ବେଳେ ୨୯୬ଟି ୱାର୍ଡରେ ୱାର୍ଡ ସଭ୍ୟ ପଦବୀ ପାଇଁ ପ୍ରତିଦ୍ୱିତା ହେଉଛି । ସେହିପରି ୪୬ଟି ବୁଥରେ ଯୋଗ୍ୟ ୱାର୍ଡ ସଭ୍ୟ ନମିଳିବାରୁ ତାହା ଖାଲିପଡିଛି । ଧର୍ମଶାଳା ଥାନା ଅଧିରେ ୫୬ଟି ଉତେଜନା ପ୍ରବଣ ବୁଥ ରହିଥିବା ବେଳେ ୪୯ ଗୋଟି ଅତି ଉତେଜନା ପ୍ରବଣ ବୁଥ ରହିଛି । ସେହିପରି ବାଲିଚନ୍ଦ୍ରପୁର ଥାନା ଅଧିନରେ ୧୦ଟି ଉତେଜନା ପ୍ରବଣ ଓ ୬ଟି ଅତି ଉତେଜନଉ ପ୍ରବଣ ବୁଥ ରହିଛି । ଏହି ବ୍ଲକ ଅଧିନସ୍ଥ ବଡଚଣା ଥାନା ଅଧିନରେ ୩ଟି ଉତେଜନା ବୁଥ ରହିଥିବା ବେଳେ ଜେନାପୁର ଥାନା ଅଧିନରେ ୬୩ ଉତେଜନା ଓ ୨୮ଟି ବୁଥ ଅତି ଉତେଜନା ପ୍ରବଣ ରହିଥିବା ଜଣାଯାଇଛି । ଉତେଜନା ପ୍ରବଣ ବୁଥ ପାଇଁ ସ୍ୱତନ୍ତ୍ର ପୋଲିସ ବ୍ୟବସ୍ଥା କରାଯିବ ବୋଲି ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ଅରବିନ୍ଦ ବେହେରା ସୂଚନା ଦେଇଛନ୍ତି ।

# ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ନିବେଦନ

ଧର୍ମଶାଳା,(ପିଏନ୍): ଓଡିଶାର ପ୍ରବାଦ ପୁରୁଷ ବିଜିବାବୁଙ୍କ ଆଦର୍ଶକୁ ପାଥେୟ କରି ବିଜୁ ଜନତା ଦଳ ଗଠନ କରାଯାଇଛି । ରାଜ୍ୟବାସୀଙ୍କ ଆଶିର୍ବାଦରୁ ତାଙ୍କ ସୁପୁତ୍ର ନବୀନ ପଟ୍ଟନାୟକ ପଂଚମଥର ପାଇଁ ମୁଖ୍ୟମନ୍ତ୍ରୀ ହେବାର ଗୌରବ ହାସଲ କରିଛନ୍ତି । ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ପାଇଁ କରୁଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ଗରିବ ଓ ସାଧାରଣ ବର୍ଗର ଲୋକମାନେ ଉପକୃତ ହେଉଛନ୍ତି । ବିଜୁ ଜନତା ଦଳ ରାଜ୍ୟରେ ଏବେ ଏକ ଅପ୍ରତିଦ୍ୱନ୍ଦି ଦଳ ଭାବେ ଉଭା ହୋଇଛି । ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ବିଧାୟକ ରବିଲାବଣ୍ୟ ନିବେଦନ କରିଛନ୍ତି ।

# ଚକ୍ରୋଡା ସରପଞ୍ଚ ପ୍ରାର୍ଥୀ ସୁଭଦ୍ରାଙ୍କ ନିର୍ବାଚନ ପ୍ରଚାର



କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚକ୍ରୋଡା ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀ ହୋଇଥିବା ସୁଭଦ୍ରା ରାଉତ ପଞ୍ଚାୟତର ପ୍ରତ୍ୟେକ ଗ୍ରାମରେ ଘର ଘର ବୁଲି ପ୍ରଚାର ଚଳାଇଛନ୍ତି। ସୁଭଦ୍ରାଙ୍କ ସ୍ୱାମୀ ବସନ୍ତ କୁମାର ରାଉତ ସେହି ପଞ୍ଚାୟତର ସରପଞ୍ଚ ଥିବା ସମୟରେ ପଞ୍ଚାୟତର ଅନ୍ତାଲୋ, ଚକ୍ରୋଡା, ନରିଲୋ, ତରାପୁର ପ୍ରଭୃତି ଗ୍ରାମରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ମାଧ୍ୟମରେ ଲୋକମାନଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା କରିଥିବା ବେଳେ କନ୍ତିଆ ଗ୍ରାମରେ ସେହି ପ୍ରକଳ୍ପ ହେବା ପାଇଁ ଟେଣ୍ଡରେ ପ୍ରକ୍ରୀୟାକୁ ଯାଇଛି । ଏହାବ୍ୟତିତ ତରାପୁର, ମାଗୁରାଗଣ୍ଡପାଟଣା, ନରିଲୋ ପ୍ରଭୃତି ଗ୍ରାମରେ ମଡେଲ ସ୍କୁଲ ନିର୍ମାଣ ସହ ବିଦ୍ୟାଳୟ ଗୁଡିକର ଉନ୍ନତିକରଣ କରାଯାଇଛି । ପଞ୍ଚାୟତରେ ଆଲୋକୀକରଣ ବ୍ୟବସ୍ଥା ମଧ ସବୁ ଗ୍ରାମରେ କରାଯାଇଛି। ବହୁ ଦିନର ସମସ୍ୟା ଥିବା ବସପୁର- ଓରସକା ଆର.ଡି. ରାସ୍ତା ଓ କନ୍ତିଆ ଗ୍ରାମ୍ୟ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି । ଏତଦବ୍ୟତିତ ପଞ୍ଚାୟତରେ ପାର୍କ ଓ ପାଠାଗାର ସମେତ ବହୁ ଜନହିତକାର କାର୍ଯ୍ୟ କରାଯାଇଛି । ପଞ୍ଚାୟତରେ ହୋଇଥିବା ଏହିସବୁ ବିକାଶ କାର୍ଯ୍ୟକୁ ନେଇ ସୁଭଦ୍ରା ଲୋକଙ୍କ ପାଖକୁ ଯାଇ ଭୋଟ ଭିକ୍ଷା କରୁଛନ୍ତି ।

# ଗଛକଟାକୁ କେନ୍ଦ୍ର କରି ସିଭିଲ ସୋସାଇଟିର ପ୍ରତିବାଦ

ବାଲେଶ୍ୱର,(ପି.ଏନ): ସୌନ୍ଦର୍ଯ୍ୟ ସୃଷ୍ଟି କରିବା ବାହାନାରେ ଉଚ୍ଚ ବିଦ୍ୟାଳୟ ପରିସର ଓ ପାଚେରୀ ପାଖରେ ଥିବା ବହୁ ପୁରାତନ ବଡ଼ ଗଛକୁ କଟାଯିବା କୁ ନେଇ ସିଭିଲ ସୋସାଇଟି ପକ୍ଷରୁ ଉଦବେଗ୍ ପ୍ରକାଶ ପାଇଛି । ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସଂପାଦକ ମନୋଜ ନାୟକ ଯୋଗ ଦେଇ ପ୍ରଶାସନର ଗଛକଟା ନିତିକୁ ସମାଲୋଚନା କରିଥିଲେ। ଡିସେମ୍ବର ମାସରେ ଜିଲ୍ଲାପାଳଙ୍କ ମୁଖ୍ୟ ଫାଟକ ପାଖରେ ଥିବା ବହୁ ପୁରାତନ ଗଛଗୁଡ଼ିକୁ କାଟି ଦିଆଯାଇଥିଲା। ସେ ସମୟରେ ପ୍ରଥମେ ସିଭିଲ ସୋସାଇଟି ଓ ଅନ୍ୟ ସାମାଜିକ ସଂଗଠନ ମାନେ ପ୍ରତିବାଦ କରିଥିଲେ। ପୁଣି ଜିଲ୍ଲା ପ୍ରଶାସନ ଓ ଜଙ୍ଗଲ ପରିବେଶ ଅଧିକାରୀଙ୍କ ଜ୍ଞାତସାରରେ ପୁଲିସ ହାଇସ୍କୁଲ ପାଖରେ ଥିବା ଗଛ କଟା ଯାଇଛି। ବର, ନୀମ୍ବ, ୟୁକାଲୀପଟାସ ପ୍ରବୃତ୍ତି ବଡ଼ ବଡ଼ ଗଛ ଗୁଡ଼ିକୁ କାଟି ଦିଆଯାଇଛି। ସମଗ୍ର ବିଶ୍ୱରେ ପରିବେଶର ସୁରକ୍ଷା ପାଇଁ ସବୁଜ ବଳୟ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ସରକାରଙ୍କ ପକ୍ଷରୁ ବାନାଞ୍ଚଳ ସୃଷ୍ଟି ପାଇଁ ପ୍ରଚୁର ଅର୍ଥ ଖର୍ଚ୍ଚ କରାଯାଉଛି। ମାତ୍ର ବାଲେଶ୍ୱର ସହରରେ ଏପରି ଲଗାତାର ଗଛକଟାକୁ ବୈଠକରେ ଦୃଢ଼ ନିନ୍ଦା କରାଯାଇଛି। କରୋନା ସଂକ୍ରମଣର ପ୍ରଥମ ଓ ଦ୍ୱିତିୟ ପର୍ଯ୍ୟାୟରେ ଅମ୍ଳଜାନ ଅଭାବରେ ବହୁ ବ୍ୟକ୍ତି ମୃତ୍ୟୁବରଣ କରିଥିବା ଘଟଣାରେ ମାନବ ସମାଜ ବୃକ୍ଷର ଅବଶ୍ୟକତା ସମ୍ପର୍କରେ ସଚେତନ ହେବା ଉଚିତ। ବିକାଶ ଆଳରେ ଗଛଗୁଡ଼ିକ କାଟିବାକୁ ଅନୁମତି ଦେବା ଘଟଣାରେ ସିବିଲ ସୋସାଇଟି ପକ୍ଷରୁ ନିନ୍ଦା କରାଯାଇଛି।

# ଘରକୁ ଘର ବୁଲୁଛନ୍ତି ବିଜୁ ଜନତାଦଳର ଜିଲ୍ଲା ପରିଷଦ ପ୍ରାର୍ଥୀ



ବାଙ୍କୀ,(ପି.ଏନ): ଅଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜୁ ଜନତାଦଳ ଜିଲ୍ଲା ପରିଷଦ ପ୍ରାର୍ଥୀ ୩୭ନମ୍ବର ଜୋନ୍‌ର ମିନତି ମହାପାତ୍ର କେନ୍ଦ୍ରୀୟ ଜୋନ୍‌ର ପ୍ରାର୍ଥିନୀ ଭାବେ ଶିମିଳିପୁର, ହରିରାଜପୁର, ନରଗାଙ୍ଗ ଆଦି ପଞ୍ଚାୟତରେ ନିଜ ସପକ୍ଷରେ ଜନମତ ପାଇଁ ଘରକୁ ଘର ବୁଲି ଭୋଟ୍ ଭିକ୍ଷା କରିବାର ଦେଖିବାକୁ ମିଳୁଛି । କରୋନା କଟକଣାକୁ ଦୃଷ୍ଟିରେ ରଖି ପ୍ରାର୍ଥୀମାନେ ବିନା ପ୍ରଚାରରେ ଡୋର କ୍ୟାମ୍ପନିଙ୍ଗ୍ ଓ ପୁସିଙ୍ଗ୍ କାର୍ଡ ମାଧ୍ୟମରେ ପ୍ରଚାର କରୁଥିବା ଦେଖିବାକୁ ମିଳୁଛି । ସେହିପରି ୩୫ନମ୍ବର ଜୋନ୍‌ରେ ଜିଲ୍ଲା ପରିଷଦ ପ୍ରାର୍ଥୀ ସଂଜୟ ପାତ୍ର ପୁଇଁଚା ପଞ୍ଚାୟତରେ ପ୍ରଚାର କାର୍ଯ୍ୟ ଆରମ୍ଭ କରିଥିବା ଜଣାପଡିଛି । ୩୮ନମ୍ବର ଜୋନ୍‌ରେ ଜିଲ୍ଲା ପରିଷଦ ପ୍ରାର୍ଥୀ ଆଶିଷ ସାହୁ ଘରକୁ ଘର ବୁଲି ବାଆଁରା, ତାଳବସ୍ତ, ପାଥପୁର, କୁଶୁପଙ୍ଗି ଆଦି ପଞ୍ଚାୟତରେ ଲୋକମାନଙ୍କ ପାଖରେ ପହଞ୍ଚି ବିଜୁ ଜନତାଦଳର ଲୋକାଭିମୁଖୀ କାର୍ଯ୍ୟକୁ ଉପସ୍ଥାପନ କରି ଭୋଟ୍ ଭିକ୍ଷା କରୁଥିବା ଚଳିତ ନିର୍ବାଚନ ପ୍ରଚାରରେ ଦେଖିବାକୁ ମିଳିଛି ।

# ବାଜପୁର ଗ୍ରାମପଂଚାୟତର ସରପଂଚ ପ୍ରାର୍ଥୀ କେଦାରେଶ୍ୱର ପୃଷ୍ଟିଙ୍କ ନିର୍ବାଚନ ପ୍ରଚାର



ଖୋର୍ଦ୍ଧା,(ପି.ଏନ): ଖୋର୍ଦ୍ଧା ପଂଚାୟତ ସମିତି ଅଧିନସ୍ଥ ବାଜପୁର ଗ୍ରାମପଂଚାୟତର ସରପଂଚ ପ୍ରାର୍ଥୀ କେଦାରେଶ୍ୱର ପୃଷ୍ଟି ତାଙ୍କ ନିର୍ବାଚନୀ ପ୍ରଚାର ଜାରି ରଖିଛନ୍ତି। ୨୦୧୭ ମସିହା ତ୍ରୀସ୍ତରୀୟ ପଂଚାୟତ ନିର୍ବାଚନରେ ବାଜପୁର ଗ୍ରାମପଂଚାୟତର ସରପଂଚ ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିବା ବେଳେ ତାଙ୍କ ଧର୍ମ ପତ୍ନୀ ସରପଂଚ ପଦବୀ ନିମନ୍ତେ ପ୍ରତିଦ୍ୱନ୍ଦିତା କରି ମାତ୍ର ୭୪ ଖଣ୍ଡ ଭୋଟରେ ପରାଜିତ ହୋଇଥିଲେ। ଏଥର ତ୍ରୀସ୍ତରୀୟ ପଂଚାୟତ ନିର୍ବାଚନରେ ଶ୍ରୀ ପୃଷ୍ଟି ବାଜପୁର ପଂଚାୟତର ସରପଂଚ ପଦବୀ ନିମନ୍ତେ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ତାଙ୍କ ପ୍ରତି ବହୁ ସଂଖ୍ୟାରେ ଜନ ସମର୍ଥନ ଥିବା ଦେଖିବାକୁ ମିଳିଥିଲା। ସେ ସରପଂଚ ଭାବରେ ନିର୍ବାଚିତ ହେଲେ ବାଜପୁର ଗ୍ରାମପଂଚାୟତର ଉନ୍ନତି ତଥା ଜନସାଧାରଣଙ୍କର ମୌଳିକ ସମସ୍ୟା ଗୁଡ଼ିକ ସମାଧାନ ଦିଗରେ ପ୍ରାଥମିକତା ଦେବେ ବୋଲି କହିଥିଲେ। ରାଜ୍ୟ ସରକାରଙ୍କର କୋଭିଡ଼ ନିର୍ଦ୍ଦେଶାବଳୀକୁ ମାନି ନିଜ ନିଜ ସମର୍ଥକମାନଙ୍କ ସହିତ ଘରକୁ ଘର ଯାଇ ସେ ତାଙ୍କ ନିର୍ବାଚନ ପ୍ରଚାର ଜାରି ରଖିବା ସହିତ ଏହି ତ୍ରୀସ୍ତରୀୟ ପଂଚାୟତ ନିର୍ବାଚନରେ ବାଜପୁର ଗ୍ରାମପଂଚାୟତର ସରପଂଚ ଭାବରେ ସେ ନିଶ୍ଚୟ ବିଜୟୀ ହେବେ ବୋଲି କହିଥିଲେ।

# ଚୋରା ଡିଜେଲ ଜବତ, ୨ ଗିରଫ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ୫୩ ନଂ ଜାତୀୟ ରାଜପଥ ତାରିଣୀ ଛକରେ ପୁଲିସ ୮୦ ଲିଟର ଚୋରା ଡିଜେଲ ଓ ବ୍ୟବହୃତ କାର ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ଡଙ୍କାରୀ ଗ୍ରାମର ଟିକା ମଳିକ (୪୮) ଓ ଅଙ୍ଗଦ ମଳିକ (୨୮) । ଓଆର-୦୫ ଏସି-୨୮୯୨ ନମ୍ବର ବିଶିଷ୍ଟ ଏକ କାରରେ ଏମାନେ ୮୦ଲିଟର ଚୋରା ଡିଜେଲ ନେଇ ଘରକୁ ଫେରୁଥିଲା ବେଳେ ପୁଲିସ ସେମାନଙ୍କ ପିଛା କରି ତାରିଣୀ ଛକ ନିକଟରେ ଧରିଥିଲା । ଏନେଇ ଜେନାପୁର ଥାନା ପୁଲିସ ୨୮/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟକୁ ଆଜି କୋର୍ଟ ଚାଲାଣ କରାଯାଇଥିବା ଏସଆଇ ଏମଆର ଦାସ ସୂଚନା ଦେଇଛନ୍ତି ।




## ବଡକାଳିମାଟି ପଂଚାୟତରେ ତାଲା ପଡିବାରୁ, ପ୍ରାର୍ଥୀପତ୍ର ଦାଖଲ କରି ପାରିଲେ ନାହିଁ ପ୍ରାର୍ଥୀନୀ, ଥାନାରେ ମାମଲା

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲାରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ନାମାଙ୍କନପତ୍ର ଶେଷ ଦିନରେ ବାମେବାରୀ ଥାନା ଅଂର୍ଗତ ବଡକାଳିମାଟି ପଂଚାୟତରେ ସରପଂଚ ପ୍ରାର୍ଥୀନୀ ଗୌରୀ ନାୟକ ନାମାଙ୍କନ ପତ୍ର ଦାଖଲ ସମୟରେ କିଛି ଲୋକ ଗଣ୍ଡଗୋଳ କରି ଅଫିସରେ ତାଲା ପକାଇବା ଓ ତାଙ୍କୁ ନାମାଙ୍କନପତ୍ର ଦାଖଲ କରାଇ ଦେଇନଥିଲେ। ଏ ନେଇ ସେ ଯୋଡା ବିଡିଓଙ୍କ ସମେତ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ ପୁରୁଣାଡିହି ଗ୍ରାମର ଗୌରିନାୟକ ଗତ ୨୧ ତାରିଖ ଦିନ ୧୧ ସମୟରେ ବଡକାଳିମାଟି ଗ୍ରାମପଂଚାୟତକୁ ପ୍ରାର୍ଥୀପତ୍ର ଦାଖଲ କରିବାକୁ ସମର୍ଥକ ଏବଂ ପ୍ରସ୍ତାବକଙ୍କ ସହ ଆସିଥିଲେ। ଏହି ସମୟରେ ବଡକାଳିମାଟି ପଂଚାୟତ ଅଫିସ ସମ୍ମୁଖରେ କାଳିମାଟି ଅଂଚଳର ବଳଭଦ୍ର ପାତ୍ର, ଦୁବୁନା ଅଂଚଳର ରବୀନ୍ଦ୍ର ଖମାଣିଆ, ବାମେବାରୀ ଅଂଚଳର ସନାତନ ବାରିକ, ପରମେଶ୍ୱର ନାଏକ, ଜଗନ୍ନାଥ ପାତ୍ର ଏବଂ ଅନ୍ୟ କେତେଜଣ ସହଯୋଗି ବିଭିନ୍ନ ମାରଣାସ୍ତ୍ର ଦେଖାଇ ତାଙ୍କୁ ପଂଚାୟତ କାର୍ଯ୍ୟାଳୟ ଭିତରକୁ ପଶିବାକୁ ଦେଇନଥିଲେ ଏବଂ ସେମାନଙ୍କ ହାତରୁ ପ୍ରାର୍ଥୀପତ୍ର ଛଡାଇ ନେଇ ଚିରିଦେବା ସହ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ପ୍ରାର୍ଥୀପତ୍ର ଦାଖଲ କଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ପୋଲିସ ପ୍ରଶାସନ ପକ୍ଷରୁ ପ୍ରାର୍ଥୀଙ୍କ ସୁରକ୍ଷା ଦିଆଯାଇନଥିଲା। ଫଳରେ ପ୍ରାର୍ଥୀ ଗୌରୀ ନାୟକ ମନୋନୟନ ପତ୍ର ଦାଖଲ କରିନପାରି ସମର୍ଥକ ଏବଂ ପ୍ରସ୍ତାବକ ଜୀବନ ଭୟରେ ସେଠାରୁ ପଳାଇ ଆସିଥିଲେ। ଏତଲାରେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାଂଙ୍କ ପ୍ରରୋଚନାରେ ତାଙ୍କର କେତେକ ସମର୍ଥକ ଏଭଳି ଅଗଣତାନ୍ତ୍ରିକ ପନ୍ଥା ଅବଲମ୍ବନ କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ମନୋନୟନ ପତ୍ର ଦାଖଲ କରିବାକୁ ଆସିଥିବା ପ୍ରାର୍ଥୀ ଗୌରୀ ନାୟକ ବାମେବାରୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ କେସ ନଂ ୧୨ ଦଫା ୧୪୭, ୧୪୮, ୩୪୧, ୨୯୪, ୫୦୬, ୧୨୦(ବି), ୧୪୯, ଏସଟି ଏସସି ପ୍ରିଭେନସନ ଅଫ ଆଟ୍ରୋସିଟି ଆକ୍ଟ ୧୯୮୯ ର ଧାରା ୩(୧) ମାମଲା ରୁଜୁ ହୋଇଛି। ଏଥିସହ ଦାୟିତ୍ୱରେ ଅବହେଳା କରିଥିବା ସଂପୃକ୍ତ ପଂଚାୟତର ଜିପିଇଓଙ୍କ ସମେତ ବିଡିଓ,ଏବିଡିଓଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରୁ ରାଜ୍ୟ ନିର୍ବାଚନ କମିଶନରଙ୍କ ନିକଟରେ ଦାବୀ ହୋଇଛି।

## ଜୁଆ ଖେଳ ଏବଂ କୁକୁଡା ଲଢେଇରେ କମ୍ପିଲା ଜାମୁବାହାଳି

ଆନନ୍ଦପୁର (ପିଏନ୍): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ସରକାରଙ୍କ ପକ୍ଷରୁ ଗାଇଡ୍‌ଲାଇନ୍ କରାଯାଇଥିବା ବେଳେ ଏହାର ଖୋଦ ଉଲ୍ଲଂଘନ ଦେଖିବାକୁ ମିଳିଛି ଘଷିପୁରା ଅଂଚଳରେ। ଘଷିପୁରା ଥାନା ଜାମୁବାହାଳି ମକରମେଳାରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥିବା ବେଳେ ୧୦ରୁ ଅଧିକ ସ୍ଥାନରେ ଖୋଲା ଖୋଲି କୁକୁଡା ଲଢେଇ ଓ ଜୁଆଖେଳ ଚାଲିଥିଲା। ମକର ପରିପ୍ରେକ୍ଷୀରେ ଗତ ଡିସେମ୍ବର ଠାରୁ ଘଷିପୁରା ଓ ଆନନ୍ଦପୁରର ବିଭିନ୍ନ ସାପ୍ତାହିକ ହାଟ ଓ ଛକ ସ୍ଥାନରେ ଖୋଲାଖୋଲି କୁକୁଡା ଲଢେଇ ଓ ଜୁଆଖେଳ ଚାଲିଛି। ପୋଲିସ୍ ବିଭାଗର ଅଣଦେଖା ଯୋଗୁଁ ଜୁଆଡି ଓ ମାଫିଆଙ୍କ ପ୍ରାଦୁର୍ଭାବ ଏବେ ଚରମ ସମାରେ ପହଂଚିଛି। ଉଦାହରଣ ସ୍ୱରୂପ ଦେଖିବାକୁ ମିଳିଛି ଘଷିପୁରା ଥାନା ଜାମୁବାହାଳିରେ। ଏଠାରେ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ମ୍ୟାଚ୍ ଥିବାବେଳେ ୧୦ହଜାରରୁ ଉର୍ଦ୍ଧ୍ୱ ଲୋକ ସମାଗମ ହୋଇଥିବା ବେଳେ ଏଠାରେ ଖୋଲାଖୋଲି ଭାବେ କୁକୁଡା ଲଢେଇ ଚାଲୁଥିଲା। ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଜୁଆଖେଳ ଓ କୁକୁଡା ଲଢେଇ ସମ୍ପର୍କରେ ସମ୍ବାଦରେ ଖବର ପ୍ରକାଶ ପରେ ପୋଲିସ୍ ତତ୍ପର ହୋଇ ଉଠିଥିଲା। ଖାଳିଆମେଣ୍ଟା ହାଟରେ ପୋଲିସ୍ ଅତର୍କିତ ଚଢାଉ କରିବାରୁ ଜୁଆଡିମାନେ ଛତ୍ରଭଙ୍ଗ ଦେଇ ସେଠାରୁ ଚମ୍ପଟ ମାରିଥିଲେ।

## ଇଫକୋ ପକ୍ଷରୁ କେନ୍ଦ୍ରାପଡା ଚିକିତ୍ସାଳୟକୁ ମାଗଣା ଅକ୍ସିଜେନ୍ ଯୋଗାଣ

ପାରାଦୀପ (ପିଏନ୍)- ଦେଶର ଅଗ୍ରଣୀ ବୃହତ୍ତ ସାର ଉତ୍ପାଦନକାରୀ ସଂସ୍ଥା ଇଣ୍ଡିଆନ୍ ଫାର୍ମସ୍ ଫର୍ଟିଲାଇଜର କୋ-ଅପରେଟିଭ (ଇଫକୋ) ପାରାଦୀପ ୟୁନିଟ୍ ପକ୍ଷରୁ ଜଗତସିଂହପୁରର ପଡୋଶୀ ଜିଲ୍ଲା କେନ୍ଦ୍ରାପଡାର ସରକାରୀ ଚିକିତ୍ସାଳୟକୁ ମାଗଣାରେ ରୋଗୀଙ୍କ ନିମନ୍ତେ ବ୍ୟବହାର ହେଉଥିବା ଅକ୍ସିଜେନ୍ ସିଲିଣ୍ଡର ପ୍ରଦାନ କରାଯାଇଛି। ଇଫକୋ ବରିଷ୍ଠ ନିର୍ବାହୀ ନିର୍ଦ୍ଦେଶକ କେ.ଜେ. ପଟେଲ୍ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଇଫକୋ ପକ୍ଷରୁ ୫୦ଗୋଟି ଅକ୍ସିଜେନ୍ ସିଲିଣ୍ଡର ଯୋଗାଇ ଦିଆଯାଇଛି। ଏହି ଅବସରରେ ଶ୍ରୀ ପଟେଲ କହିଛନ୍ତି ରାଜ୍ୟର ବିଭିନ୍ନ ସରକାରୀ ଚିକିତ୍ସାଳୟରେ ଯଦି ଅକ୍ସିଜେନ୍ ସିଲିଣ୍ଡରର ଆବଶ୍ୟକତା ପଡିବ ତେବେ ସହାୟତା ପାଇଁ ଇଫକୋ ମାଗଣାରେ ଅକ୍ସିଜେନ୍ ସିଲିଣ୍ଡର ଯୋଗାଇଦେବ। ଇଫକୋ ସବୁବେଳେ ସମାଜର ମଙ୍ଗଳ ପାଇଁ ତାର ଦାୟିତ୍ୱ ନିର୍ବାହ କରିଆସିଛି। ବନ୍ୟା, ବାତ୍ୟା, ଘରପୋଡି ଆଦି ବିପଦ ଆପଦ ସମୟରେ ଇଫକୋ ସବୁବେଳେ ସାଧାରଣ ଲୋକଙ୍କ ପାଇଁ ସମର୍ପିତ ଭାବେ ନିଷ୍ଠାର ସହ ଦାୟିତ୍ୱ ବହନ କରିଆସୁଅଛି। ପ୍ରକାଶଥାଉକି, ଇଫକୋ ପାରାଦୀପ ୟୁନିଟ୍ ଚକୁଳିଆ ବନିପାଟ ସ୍କୁଲ୍‌ର ପୁନରୁଦ୍ଧାର, ମହିଳାମାନଙ୍କ ଉନ୍ନତି ପାଇଁ ଇଫକୋର ଜ୍ୟୋତି ମହିଳା ସମିତି, କେନ୍ଦ୍ରାପଡାରେ ଗୋମଙ୍ଗଳ ସମିତିରେ ଗୋ-ଖାଦ୍ୟ ବଣ୍ଟନ, ପୁରୀ ଗୋବର୍ଦ୍ଧନ ପୀଠରେ ଗୋସୁରକ୍ଷା ପାଇଁ ବହୁ କାର୍ଯ୍ୟ କରି ଉଚ୍ଚ ପ୍ରଶଂସିତ ହୋଇଛି। ଇଫକୋ ପରିସରରେ ଆୟୋଜିତ ଅକ୍ସିଜେନ୍ ପ୍ରଦାନ ସମୟରେ ଶ୍ରୀ ପଟେଲଙ୍କ ସହିତ ତାଙ୍କର ପୁରା ଟିମ୍, ଇଫକୋ କର୍ମଚାରୀ ସଂଘ ଓ ଅଧିକାରୀ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ପାରାଦୀପରେ ନେତାଜୀ ଜୟନ୍ତୀ ପାଳିତ, ବନ୍ଦର ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ବର୍ଦ୍ଧନା



ପାରାଦୀପ (ପିଏନ୍)-ଭାରତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତୀ ଅବସରରେ ସମଗ୍ର ଦେଶରେ ଆଜାଦି କି ଅମୃତ ମହୋତ୍ସବ ପାଳନ କରାଯାଉଛି। ଦେଶର ଇତିହାସ, ସଂସ୍କୃତିର ବ୍ୟାପକ ପ୍ରଚାର ଓ ପ୍ରସାର ପାଇଁ ଚଳିତ ବର୍ଷ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ରବିବାର ଦିନ ଭାରତମାତାର ବୀର ସଂାନ, ମହାନ ସ୍ୱାଧୀନତା ସଂଗ୍ରାମୀ, ଆଜାଦ୍ ହିନ୍ଦ ଫୌଜର ପ୍ରତିଷ୍ଠାତା ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ପବିତ୍ର ଜନ୍ମତିଥିରେ ବଡପଡିଆଠାରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତୀରେ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନାଦ୍ ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହାପରେ ଅଧ୍ୟକ୍ଷ ଶ୍ରୀ ହାରାନାଦ ଜଗତସିଂହପୁର ଜିଲ୍ଲାର ନୂଆପଡା ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ମାଧବାନନ୍ଦ ମନୋହରୀ, ଇଛାପୁର ଗ୍ରାମର ଭାଗିରଥୀ ସ୍ୱାଇଁ ଓ ଅଁଳା ଗ୍ରାମର ଯୋଗେନ୍ଦ୍ର ମହାରଣାଙ୍କୁ ଭେଟି ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେମାନଙ୍କଠାରୁ ସ୍ୱାଧୀନତା ସଂଗ୍ରାମରେ ସେମାନଙ୍କ ଭୂମିକା ସଂପର୍କରେ ଅନେକ କଥା ଶୁଣିଥିଲେ। ବନ୍ଦର ଅଧ୍ୟକ୍ଷ ଶ୍ରୀ ହାରାନାଦଙ୍କ ସହିତ ଉପାଧ୍ୟକ୍ଷ ଏ.କେ.ବୋଷ, ସଚୀବ ଡ. ପି.ଏନ୍. ବାହେକର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ବୋଲି ବନ୍ଦର ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରେସ ବିଜ୍ଞପ୍ତିରୁ ସୂଚନା ମିଳିଛି। ସେହିପରି ପାରାଦୀପର ପୁରାତନ ଅନୁଷ୍ଠାନ ନେତାଜୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ୧୨୫ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ବଡପଡିଆ ବସ୍ ଷ୍ଟାଣ୍ଡ ଠାରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତୀରେ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନାଦ୍ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଟ୍ରଷ୍ଟର ମୁଖ୍ୟ ପବିତ୍ର ମିଶ୍ରଙ୍କ ଅଧ୍ୟକ୍ଷତାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରମିକ ନେତା ଦୋଳଗୋବିନ୍ଦ ଦାଶ, ଟ୍ରଷ୍ଟର ସଭାପତି ରାକେଶ କୁମାର ପଟ୍ଟନାୟକ, ନାରୀ ନେତ୍ରୀ ସବିତା ମହାପାତ୍ର, କାଂଚନବାଳା ମାଝୀ, ଭବେନ୍ଦ୍ର ଦାଶ, ରାଜେନ୍ଦ୍ର ଶୁକ୍ଲା ପ୍ରମୁଖ ଯୋଗ ଦେଇଥିଲେ।

## ଜଗନ୍ନାଥ ଟ୍ରକ୍ ମାଲିକ ସଂଘ ନିର୍ବାଚନ-ଗାଦି ବଜାୟ ରଖିଲେ ଛଇଳ

ପାରାଦୀପ (ପିଏନ୍)- ଜଗନ୍ନାଥ ଟ୍ରକ୍ ମାଲିକ ସଂଘର ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହିତ ସମାପ୍ତ ହୋଇଛି। ଦୁଇମୁଖୀ ପ୍ରତିଦ୍ୱନ୍ଦିତାରେ ସଭାପତି ଭାବେ ଛଇଳ ଚନ୍ଦ୍ର ଜେନା ପୁର୍ନବାର ନିର୍ବାଚିତ ହୋଇଛନ୍ତି। ଛଇଳ ଚନ୍ଦ୍ର ଜେନା ତାଙ୍କର ପ୍ରତିଦ୍ୱନ୍ଦୀ ସରୋଜ କୁମାର ମହାପାତ୍ରଙ୍କୁ ୫୮ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ସଂଘର ସଂପାଦକ ଦାୟିତ୍ୱ ନିର୍ବାହ କରୁଥିବା ସୁଧିର କୁମାର ଜେନା ଚଳିତ ନିର୍ବାଚନରେ କାର୍ଯ୍ୟକାରୀ ସଭାପତି ପାଇଁ ନିର୍ବାଚନ ଲଢି ଅମରଜିତ୍ ଜେନାଙ୍କୁ ୭୧ ଖଣ୍ଡ ଭୋଟ୍ ରେ ହରାଇ ବିଜୟ ଲାଭ କରିଛନ୍ତି। ଉପସଭାପତି ଭାବେ ନୂଆଁ ମୁହଁ ଭାବେ ମାନସ ପାତ୍ର ପୂର୍ବତନ ଉପସଭାପତି ପ୍ରକାଶ କୁମାର ଜେନାଙ୍କୁ ୪୮ ଖଣ୍ଡ ଭୋଟ ହରାଇ ବିଜୟ ଲାଭ କରିଛନ୍ତି। ସେହିପରି ସଂପାଦକ ଭାବେ ବିଶ୍ୱରଂଜନ ପଲେଇ ୫୯ ଖଣ୍ଡ ଭୋଟରେ ବିଜୟ କୁମାର ରାଉତଙ୍କୁ ପରାସ୍ତ କରିଛନ୍ତି। ସହସଂପାଦକ ଭାବେ ବଳରାମ ଦାସ ତାଙ୍କ ପ୍ରତିଦ୍ୱନ୍ଦି ମନୋଜ କୁମାର ବିଶ୍ୱାଳଙ୍କୁ ୩୨ ଖଣ୍ଡ ଭୋଟରେ ହରାଇ ବିଜୟ ଲାଭ କରିଛନ୍ତି। ସୁନାକର ମହାଁ ୧୦୯ ଖଣ୍ଡ ଭୋଟରେ ଏସକେ.ଫଜଲ ରବିଙ୍କୁ ହରାଇ ପୁର୍ନବାର କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଏହି ନବନିର୍ବାଚିତ କର୍ମକର୍ତ୍ତାମାନେ ଆଗାମୀ ଦୁଇ ବର୍ଷ ପର୍ଯ୍ୟଂ ଦାୟିତ୍ୱରେ ରହିବେ। ୫୨୧ଜଣ ସଭ୍ୟମାନଙ୍କ ମଧ୍ୟରୁ ୪୯୪ ଜଣ ସଭ୍ୟ ସେମାନଙ୍କ ମତଦାନ ସାବ୍ୟସ୍ତ କରିଥିଲେ।

## ମହିଳା ଶ୍ରମିକଙ୍କ ଅଭିଯୋଗର ବିଚାର ହେଉନି



କେନ୍ଦ୍ରାପଡ଼ା (ପିଏନ୍): ଗତ ୨୦୧୯ ମସିହାରୁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ମହିଳା ନିର୍ମାଣ ଶ୍ରମିକଙ୍କ ସମସ୍ୟା ସମ୍ପର୍କରେ ପ୍ରଦାନ କରାଯାଇଥିବା ଦାବିପତ୍ର ଉପରେ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ମହିଳା ଶ୍ରମିକମାନେ ସେମାନଙ୍କ ଅଧିକାରରୁ ବଞ୍ଚିତ ହେଉଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ବର୍ଷ ବର୍ଷ ଧରି ଶ୍ରମ ଅଧିକାରୀଙ୍କ ପଦବୀ ଖାଲି ପଡିଛି। ଶ୍ରମିକମାନେ ସେମାନଙ୍କ ଝିଅ ବାହାଘର ପାଇଁ ସହାୟତା ପାଇବାକୁ ଶ୍ରମ କାର୍ଯ୍ୟାଳୟରେ ଆବେଦନ କରିଥିଲେ ମଧ ସେମାନଙ୍କୁ ତାହା ପ୍ରଦାନ କରାଯାଉନାହିଁ। ତେଣୁ ସରକାରଙ୍କ ଲକ୍ଷ୍ୟ ଓ ଯୋଜନା ଶ୍ରମିକମାନଙ୍କ କ୍ଷେତ୍ରରେ ବାଟବଣା ହେଉଛି ବୋଲି ନିଖିଳ ଓଡିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ଅଭିଯୋଗ କରିଛନ୍ତି। ଶ୍ରୀ ତ୍ରିପାଠୀ ଏ ସଂକ୍ରାନ୍ତରେ ଏକ ଅଭିଯୋଗପତ୍ର ଶ୍ରମ ଆୟୁକ୍ତଙ୍କୁ ଭେଟି ପ୍ରଦାନ କରିବାକୁ ଯାଇଥିବା ବେଳେ ତାଙ୍କ ଅନୁପସ୍ଥିତିରେ ରାଜ୍ୟ ମୁଖ୍ୟ ଶ୍ରମ କାର୍ଯ୍ୟାଳୟର ଡିଏଲସି ବିଘ୍ନଜିତ ମହାପାତ୍ରଙ୍କୁ ଭେଟି ଶ୍ରୀ ତ୍ରିପାଠୀ ଦାବିପତ୍ର ପ୍ରଦାନ କରି ଏ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଡିଏଲସି ଶ୍ରମ ଆୟୁକ୍ତଙ୍କୁ ଏ ସଂକ୍ରାନ୍ତରେ ଅବଗତ କରି ପ୍ରତିକାର ବ୍ୟବସ୍ଥା କରିବେ ବୋଲି ଶ୍ରୀ ତ୍ରିପାଠୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସେହି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି ଯେ, ଶ୍ରମିକମାନଙ୍କ ପିଲାମାନଙ୍କୁ ଶିକ୍ଷା ସହାୟତା ପ୍ରଦାନ ପାଇଁ ସରକାରଙ୍କ ପକ୍ଷରୁ ସହାୟତା ବ୍ୟବସ୍ଥା ଥିଲେ ମଧ ସେମାନଙ୍କୁ ତାହା ମିଳୁନାହିଁ। ସେହିପରି କୌଣସି ଶ୍ରମିକ କାର୍ଯ୍ୟରତ ଥିବା ବେଳେ ମୃତ୍ୟୁ ଘଟିଲେ ସେମାନଙ୍କ ପରିବାରକୁ କ୍ଷତିପୁରଣ ମିଳିବା ପାଇଁ ବ୍ୟବସ୍ଥା ଥିଲେ ମଧ ତାହା ନିର୍ଦ୍ଧାରିତ ସମୟରେ ମିଳୁନାହିଁ। ଶ୍ରମିକଙ୍କ ପାଇଁ ରହିଥିବା ଯୋଜନା ଗୁଡିକ ପାଇଁ ଆବେଦନପତ୍ର ଶ୍ରମ କାର୍ଯ୍ୟାଳୟରେ ଦୀର୍ଘ ଦିନ ପଡିରହିବା ପରେ ଶ୍ରମିକଙ୍କୁ ୬୦ ବର୍ଷ ପୁରିଗଲେ ସେମାନେ ନିଜ ହକରୁ ବଞ୍ଚିତ ହେଉଛନ୍ତି। ଯୋଜନାବଦ୍ଧ ଭାବେ ଏଭଳି କରାଯାଉଥିବା ଅଭିଯୋଗ ହୋଇଛି। ଜିଲ୍ଲା ଶ୍ରମ କାର୍ଯ୍ୟାଳୟରୁ ଏ ସଂକ୍ରାନ୍ତୀୟ ନଥିପତ୍ର ବାରମ୍ବାର ହଜି ଯାଉଥିବା ମଧ ଅଭିଯୋଗ ହୋଇଛି। ଶ୍ରମିକ ନେତାମାନଙ୍କୁ ଶ୍ରମ କାର୍ଯ୍ୟାଳୟରେ ସୌଜନ୍ୟମୂଳକ ବ୍ୟବହାର ମିଳୁନାହିଁ ବୋଲି ଶ୍ରୀ ତ୍ରିପାଠୀ ଶ୍ରମ ବିଭାଗ ଡିଏଲସିଙ୍କୁ ପ୍ରଦାନ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଶ୍ରୀ ତ୍ରିପାଠୀଙ୍କ ସହ କାମିନୀ ମିଶ୍ର, ପ୍ରଦୀପ ସାମଲ, ମନୋଜ ପରିଡ଼ା, ସୁବାସ ସ୍ୱାଇଁ ପ୍ରମୁଖ ଏହି ପ୍ରତିନିଧିଦଳରେ ସାମିଲ ହୋଇଥିଲେ।

## ମିଥ୍ୟା ଜାତିଗତ ପ୍ରମାଣପତ୍ରରେ ୱାର୍ଡସଭ୍ୟ ପାଇଁ ପ୍ରାର୍ଥୀପତ୍ର ଦାଖଲ ଅଭିଯୋଗ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ଖରିନାସୀ ପଞ୍ଚାୟତରେ ୱାର୍ଡସଭ୍ୟ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିବା ହରିଆବାଙ୍କ ଗ୍ରାମର ୩ନମ୍ବର ୱାର୍ଡର ଅଧିବାସୀ ମଞ୍ଜିତ ମଣ୍ଡଳଙ୍କ ପତ୍ନୀ ଜୁଲି ସରକାର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ ସେହି ୱାର୍ଡର ସଭ୍ୟ ପଦ ନିମନ୍ତେ ମିଥ୍ୟା ଜାତିଗତ ପ୍ରମାଣପତ୍ର ଦେଇ ପ୍ରାର୍ଥୀପତ୍ର ଦାଖଲ କରିଥିବା ହରିଆବାଙ୍କ ଗ୍ରାମର ଅଜିତ ପ୍ରଧାନଙ୍କ ପତ୍ନୀ ମଞ୍ଜୁଲତା ପ୍ରଧାନଙ୍କ ପ୍ରାର୍ଥୀପତ୍ରକୁ ନାକଚ କରାଯାଉ। ମଞ୍ଜୁଲତା ପ୍ରାର୍ଥୀପତ୍ର ସହିତ ଦାଖଲ କରିଥିବା ଅନୁସୂଚିତ ଜାତି ପ୍ରମାଣ ପତ୍ରଟି ସଂପୂର୍ଣ୍ଣ ଅସତ୍ୟ ବୋଲି ଜୁଲି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମଞ୍ଜୁଲତା ପ୍ରଦାନ କରିଥିବା ଜାତିଗତ ପ୍ରମାଣପତ୍ରରେ ତାଙ୍କ ବାପା ଅର୍ଜ୍ଜୁନ ମଲିକ ବୋଲି ଉଲ୍ଲେଖ ଥିବା ବେଳେ ସେହି ପ୍ରମାଣପତ୍ରଟି ଗତ ୨୦୧୫ମସିହାରେ ମହାକାଳପଡା ତହସିଲ କାର୍ଯ୍ୟାଳୟରୁ ପ୍ରଦାନ କରାଯାଇଥିବା ଏକ ହାତଲେଖା ପ୍ରମାଣପତ୍ର। ଏସମ୍ପର୍କରେ ସେ ପଞ୍ଚାୟତ ନିର୍ବାଚନ ଅଧିକାରୀଙ୍କୁ ଅଭିଯୋଗ କରିଥିଲେବି କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ଜୁଲି ଅଭିଯୋଗ କରିଛନ୍ତି। ତେଣୁ ଏସମ୍ପର୍କରେ ତଦନ୍ତ କରାଯାଇ ମଞ୍ଜୁଲତାଙ୍କ ପ୍ରାର୍ଥୀପତ୍ରକୁ ନାକଚ କରାଯିବାକୁ ଜୁଲି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗର ନକଲ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ପଠାଇଥିବା ଜୁଲି ସୂଚନା ଦେଇଛନ୍ତି।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Praggyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

## ସମାଜସେବୀଙ୍କ ପରଲୋକ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କଂସାର ଗ୍ରାମର ଜଗବନ୍ଧୁ ପଣ୍ଡାଙ୍କର ୮୩ବର୍ଷ ବୟସରେ ପରଲୋକ ହୋଇଯାଇଛି। ରାଜ୍ୟ ମୃତ୍ତିକା ସଂରକ୍ଷଣ ବିଭାଗରେ କାର୍ଯ୍ୟକରି ସେ ଅବସର ଗ୍ରହଣ କରିଥିଲେ। କଂସାର ସାହସପୁର ରାମମନ୍ଦିର ପରିଚାଳନା କମିଟିର ସେ ସଭାପତି ଥିଲେ। ସେ ଜଣେ ମେଳାପି, ମିଷ୍ଟଭାଷୀ, ପରୋପକାରୀ ଓ ନ୍ୟାୟବନ୍ତ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ସାରା ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ଜ୍ୟେଷ୍ଠପୁତ୍ର ଡାକ୍ତର ମନୋଜ ପଣ୍ଡା ମୁଖାଗ୍ନି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁତ୍ର ଦିଲ୍ଲିପ ପଣ୍ଡା, ରବିନ୍ଦ୍ର ପଣ୍ଡା, ନଳିନୀକାନ୍ତ ପଣ୍ଡା, ସୁରେନ୍ଦ୍ର ପଣ୍ଡା,ସମାଜସେବୀ ନିରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଦୀପ ସେବା ଟ୍ରଷ୍ଟ ପକ୍ଷରୁ ଗରିବ ପିଲାଙ୍କ ବ୍ରତୋପନୟନ




ଭୁବନେଶ୍ୱର (ପିଏନ୍): ପ୍ରଦୀପ ସେବା ଟ୍ରଷ୍ଟ ପକ୍ଷରୁ ଗରିବ ପିଲାଙ୍କୁ ବ୍ରତୋପନୟନ କାର୍ଯ୍ୟକ୍ରମ କରାଯାଇଥିଲା। ଭୀମଟାଙ୍ଗିସ୍ଥିତ ଟ୍ରଷ୍ଟର କାର୍ଯ୍ୟାଳୟଠାରେ ଆୟୁଷ୍ମାନ ଶୁଭମର ବ୍ରତୋପନୟନ କରାଯାଇ ଏହି କାର୍ଯ୍ୟର ଶୁଭାରମ୍ଭ କରାଯାଇଥିଲା। ଏଥିରେ ଲିଙ୍ଗରାଜ ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର, ଟ୍ରଷ୍ଟର ପ୍ରତିଷ୍ଠାତା ପ୍ରଦୀପ କୁମାର ପୃଷ୍ଟି, ସମ୍ପାଦିକା ମଧୁସ୍ମିତା ପୃଷ୍ଟି, ଏଇତ ଜୀବନର ଶିବୁ ପଟ୍ଟନାୟକ ଓ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ।

## ପୂଜ୍ୟ ପୂଜା ସାଂସ୍କୃତିକ ପରିଷଦ ପକ୍ଷରୁ ଦୁଇ ମହାପୁରୁଷଙ୍କୁ ଶ୍ରଦ୍ଧାଂଜଳୀ

ଆନନ୍ଦପୁର (ପିଏନ୍):ଦେଶର ସ୍ୱାଧୀନତା ସଂଗ୍ରାମରେ ନିଜ ଜୀବନକୁ ଝାସ ଦେଇଥିବା ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟଂୀ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି। କରୋନା କଟକଣାକୁ ଦୃଷ୍ଟିରେ ରଖି ପୂଜା ପୂଜା ସାଂସ୍କୃତିକ ପରିଷଦର କାର୍ଯ୍ୟଧାରାକୁ ସମ୍ମାନ ଜଣାଇ ଏହି ଜୟଂୀରେ ପରିଷଦର ସଭାପତି ଡ. ଅଭିନ୍ନ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ଆଲୋଚକ ଭାବେ ପରିଷଦର ଉପସଭାପତି ପ୍ରଫେସର ରମାକାଂ ନାୟକ, କବି କୀର୍ତ୍ତନ ସାହୁ, ନିତ୍ୟାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ରହି ଦୁଇ ସଂଗ୍ରାମୀଙ୍କ ତ୍ୟାଗପୁତ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କବି ରତ୍ନାକର ଦାସଙ୍କ ସଂଯୋଜନାରେ ଯାଜ୍ଞସେନୀ ବେହେରା, ରାମଚନ୍ଦ୍ର ଜେନା, ପବିତ୍ର ମୋହନ ବେହେରା, ସାବିତ୍ରୀ ଦାସ,ସଂୋଷ କୁମାର ସିଂହ ପ୍ରମୁଖ କବିମାନେ ମହାପୁରୁଷଙ୍କ ସମ୍ପର୍କିତ କବିତା ଆବୃତ୍ତି କରିଥିଲେ। ଏ ଜୟଂୀ ସଭାରେ ରବୀନ୍ଦ୍ର ପ୍ରସାଦ ଋନ୍ଦ, ଦେବେନ୍ ଦାସ, ଯଶୋବଂ ନାୟକ, ସହଦେବ ସାହୁ, ମଦନ ମୋହନ ପାତ୍ର, ନାରାୟଣ ରଣା, ଲଳାଟେନ୍ଦୁ ଧୀର ପ୍ରମୁଖ ବିଦ୍ୱାନମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବରିଷ୍ଠ ସଦସ୍ୟ ତ୍ରୈଲୋଚନ ପାତ୍ରଙ୍କ ବିୟୋଗରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ସମ୍ପାଦକ ପଦ୍ମନାଭ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ନେତାଜୀ ସୁବାଷ ବୋଷଙ୍କ ୧୨୫ତମ ଜୟନ୍ତୀ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): ସାରା ଓଡିଶା ନେତାଜୀ ସୁବାଷ ୧୨୫ତମ ଜୟନ୍ତୀ କମିଟି, କେନ୍ଦ୍ରାପଡା ଶାଖାର ସଭାପତି ଡଃ. ବାସୁଦେବ ଦାସଙ୍କ ପୌରହିତ୍ୟରେ ସ୍ଥାନୀୟ ନାଉପାଳ ଠାରେ କୋଭିଡ ନିୟମ ଅନୁପାଳନ ପୂର୍ବକ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ନେତାଜୀଙ୍କ ଫଟୋଚିତ୍ରରେ ସାମୁହିକ ମାଲ୍ୟାର୍ପଣ ପରେ ନେତାଜୀଙ୍କ ସମ୍ପର୍କରେ ରଚିତ ଏକ ସଂଗୀତ କଣ୍ଠଶିଳ୍ପୀ ଗୋଲକ କୁମାର ସେଠୀ ପରିବେଷଣ କରିଥିଲେ। ଜୟନ୍ତୀ କମିଟିର କେନ୍ଦ୍ରାପଡା ଶାଖା ସମ୍ପାଦକ ପବିତ୍ର ମୋହନ ପଟ୍ଟନାୟକ, ବରିଷ୍ଠ କର୍ମକର୍ତ୍ତା ହୀରାମଣି ରାଉତ, ଏଲୀନା ସାମନ୍ତରାୟ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶୁଭାଂଶୁ କୁମାର ଦାସ, ସମାଜସେବୀ ପ୍ରହ୍ଲାଦ ନାୟକ, ଜୟନ୍ତୀ ଜେନା, ସରୋଜିନୀ ପ୍ରଧାନ, କନକଲତା ପରିଡା, ରୋଜିନା ବିବି, ବ୍ରଜବାଳା ନାୟକ, ସୌମ୍ୟା ନାୟକ ପ୍ରମୁଖ ନେତାଜୀଙ୍କ ଜୀବନ ସଂଗ୍ରାମ ଓ ସ୍ୱାଧୀନତା ସଂଗ୍ରାମ ପ୍ରତିଥିବା ଅମୂଲ୍ୟ ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ନେତାଜୀ ସୁବାଷ ବୋଷଙ୍କ ପରି ସଂଗ୍ରାମୀ ସାରା ବିଶ୍ୱ ଇତିହାସରେ ବିରଳ। ଜୀବନତମାମ ସେ ଖାଲି ଦେଇ ଦେଇ ଚାଲିଗଲେ। ନେତାଜୀ ସବୁଦିନ ଲାଗି ପ୍ରତ୍ୟେକ ଭାରତୀୟଙ୍କ ମନ ଓ ହୃଦୟରେ ମହାନ ସଂଗ୍ରାମୀ ଭାବରେ ବଞ୍ଚି ରହିଥିବେ ବୋଲି ବକ୍ତାମାନେ ମତବ୍ୟକ୍ତି କରିଥିଲେ।

## ବରିଷ୍ଠ ସାମ୍ବାଦିକ ବ୍ରଜକିଶୋରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ରାଜକନିକା ଦୈନିକ ସମ୍ବାଦର ବ୍ଲକ ପ୍ରତିନିଧି ତଥା ବରିଷ୍ଠ ସାମ୍ବାଦିକ ବ୍ରଜକିଶୋର ସିଂଙ୍କ କଟକ ବଡ ଡାକ୍ତରଖାନାରେ ହୃଦଘାତରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ସିଂଙ୍କ ମରଶରୀର କଟକରୁ ତାଙ୍କ ରାଜକନିକାସ୍ଥିତ ବାସଭବନକୁ ଯାଉଥିବା ବେଳେ କେନ୍ଦ୍ରାପଡା ସହରର ତିନିମୁହାଣିଛକରେ କେନ୍ଦ୍ରାପଡାର ସାମ୍ବାଦିକମାନେ ତାଙ୍କ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଦାସ, ସନ୍ତୋଷ କୁମାର ପଣ୍ଡା, ପ୍ରସାନ୍ତ କୁମାର ନାୟକ, ମନୋଜ କୁମାର ସ୍ୱାଇଁ, ରାଧାକାନ୍ତ ମହାନ୍ତି, ଉମାକାନ୍ତ ମହାପାତ୍ର, ମହେଶ ପାଢୀ, ପ୍ରଫୁଲ୍ଲ ସାହୁ, ଉମେଶ ପାଢୀ, ଲିଙ୍ଗରାଜ କର, ସ୍ୱାପ୍ନାଶ୍ରୀ ପଣ୍ଡା,ସମାଜସେବୀ ନଳିନୀକାନ୍ତ ପୃଷ୍ଟି, ପ୍ରବୀଣ ବଳ, ଚିନ୍ମୟରଞ୍ଜନ ଦାସ, ଦେବଜ୍ୟୋତି ଜେନା, ରାଜେଶ କୁମାର ପାତ୍ର , ଲକ୍ଷ୍ମୀକାନ୍ତ ନାୟକ, ସାବିର ଖାନ ପ୍ରମୁଖ ସ୍ୱର୍ଗତଃ ସିଂଙ୍କ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ଭାରତୀୟ ମାନବାଧିକାର ସଂଗଠନର କାର୍ଯ୍ୟାଳୟ ଉଦ୍‌ଘାଟିତ

ପାରାଦୀପ (ପିଏନ୍)- ଭାରତୀୟ ମାନବ ଅଧିକାର ସଂଗଠନର ପାରାଦୀପ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟାଳୟ ସହିତ ଜାନକୀ ଚାରିଟେବୁଲ୍ ଟ୍ରଷ୍ଟର କାର୍ଯ୍ୟାଳୟ ମିଳିତ ଭାବେ ଏହି କାର୍ଯ୍ୟ କରିବ। ପାରାଦୀପ ଥାନାର ମହିଳା ଅଧିକାରୀ ଗୁନଲତା ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ। ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟ, ଜନ ସମସ୍ୟା ନିବାରଣ ସଂସ୍ଥାନର ଜିଲ୍ଲା ସଭାପତି ରମାକାନ୍ତ ଜେନା ନିମନ୍ତ୍ରିତ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଭାରତୀୟ ମାନବ ଅଧିକାର ସଂଗଠନର ଜିଲ୍ଲା ସଭାପତି ଶିବ ପ୍ରସାଦ ପଣ୍ଡିତ, ଉପସଭାପତି ଜାନକୀ ସର୍ଦ୍ଦାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମାଜର ସବୁ ବର୍ଗର ଲୋକମାନଙ୍କୁ ନ୍ୟାୟ ପ୍ରଦାନ ଦିଗରେ ଏହି ଦୁଇ ସଂଗଠନ କାର୍ଯ୍ୟ କରିବ ବୋଲି ସଭାପତି ଶ୍ରୀ ପଣ୍ଡିତ ଜଣାଇଛନ୍ତି।




# ଓଡିଶା ଗାନ୍ଧୀ ବିଚାର ପରିଷଦର 'ଆସ ଶୁଣିବା ଗାନ୍ଧୀ କଥା' କାର୍ଯ୍ୟକ୍ରମ

କେନ୍ଦୁଝର,(ପି.ଏନ): ଗାନ୍ଧୀ ବିଚାରକୁ ନେଇ ଦୀର୍ଘଦିନ ଧରି କାର୍ଯ୍ୟ କରି ଆସୁଥିବା ଓଡିଶା ଗାନ୍ଧୀ ବିଚାର ପରିଷଦ ଦ୍ୱାରା ଝୁମ୍ପୁରା ବ୍ଲକର ନହବେଡା ଗ୍ରାମ ଠାରେ ଆସ ଶୁଣିବା ଗାନ୍ଧୀ କଥା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନହବେଡା ଗ୍ରାମ ପଚାୟତର ବିଭିନ୍ନ ରାଜସ୍ୱ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ମା', କିଶୋରୀ ଓ ଯୁବତୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ବରିଷ୍ଠ ଗାନ୍ଧୀବାଦୀ କର୍ମୀ ତଥା ଓଡିଶା ଗାନ୍ଧୀ ବିଚାର ପରିଷଦର ଅଧକ୍ଷ ଭକ୍ତବତ୍ସଳ ମହାନ୍ତି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ କହିଲେ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ମନ୍ଦ ଉଦ୍ଦେଶ୍ୟ ରଖି ମହାରାଷ୍ଟ୍ରରେ ନିର୍ମାଣ କରାଯାଇଛି ଚଳଚିତ୍ର ହ୍ୱାଇ ଆଇ କଲ୍ଡ ଗାନ୍ଧୀ । ଗାନ୍ଧୀ ହତ୍ୟାର ଯଥାର୍ଥତା ପ୍ରତିପାଦନ ପାଇଁ ଏକ ଚଳଚିତ୍ର ମାଧମରେ ପୁଣି ଏକ ଅପଚେଷ୍ଟା କରାଯାଉଛି । ସର୍ବ ଭାରତୀୟ ସିନେ ୱାର୍କ ଆସୋସିଏସନ୍ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏହି ସିନେମା ନିଷେଧ କରିବା ଲାଗି ନିବେଦନ କରାଯାଇଛି । ଆମ ସଂସ୍କୃତିର ପୂଜ୍ୟପୂଜା ପରମ୍ପରା ବିରୋଧ ଆଚରଣ କରୁଛନ୍ତି । ପ୍ରାୟ ୪୦ବର୍ଷ ତଳେ ରିଚାର୍ଡ ଆଟେନବର୍ଗ ଇଂରାଜୀ ଭାଷାରେ ନିର୍ମାଣ କରିଥିବା ଗାନ୍ଧୀ ଚଳଚିତ୍ର ଆନ୍ତର୍ଜାତିକ ସ୍ତରରେ ବେଶ୍ ଆଦୃତ ଲାଭ କରିଛି । ଜାତି ସଂଘର ନିଷ୍ପତ୍ତି କ୍ରମେ ଗାନ୍ଧୀଜୀଙ୍କ ଜନ୍ମଦିନ ଅକ୍ଟୋବର ୨ ତାରିଖକୁ ସାରା ବିଶ୍ୱରେ ଆନ୍ତର୍ଜାତିକ ଅହିଂସା ଦିବସ ରୂପେ ପାଳନ କରାଯାଉଛି । ଆସନ୍ତୁ ଆମେ ଏକାଠି ହୋଇ ଅହିଂସା ମାର୍ଗରେ ଯାଇ ସ୍ୱାବଲମ୍ବଶୀଳ ସମାଜ ଗଠନ କରିବାକୁ ଅହ୍ୱାନ ଦେଇଥିଲେ ।

## କ୍ରୀଡା ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ଢେଙ୍କିକୋଟ,(ପି.ଏନ): ଘଟଗାଁ ବ୍ଲକ ଅନ୍ତର୍ଗତ ଢେଙ୍କିକୋଟ ଠାରେ ଥିବା ସର୍ବ ପୁରାତନ ସତ୍ୟନାରାୟଣ ବିଦ୍ୟାପୀଠର କ୍ରୀଡା ଶିକ୍ଷକ ଭୀମସେନ ମହାନ୍ତଙ୍କୁ ଆଜି ବିଦ୍ୟାଳୟର ସଭାଗୃହ ଠାରେ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଭାବେ ବିଦ୍ୟାଳୟ ଏମ୍ଏମ୍ଡିସି କୁଳମଣି ମଣ୍ଡଳ, ରବିନ୍ଦ୍ର ସାହୁ, ପ୍ରଦୀପ କୁମାର ଷଡଙ୍ଗୀ, ଅନାଦି ସିଂ ଏବଂ ମୋ ସ୍କୁଲ ଅଭିଯାନର ସଭାପତି ସଂଜୟ କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ । ଅତିଥି ଭାବେ ଏ ବିଦ୍ୟାଳୟରୁ ଅବସର ନେଇଥିବା ପଦ୍ମଲୋଚନ ସାହୁ, ଅନନ୍ତ ଚରଣ ବାରିକ,ରମେଶ ମହାନ୍ତ, କ୍ଷୀରୋଦ କୁମାର ମିଶ୍ର, ପ୍ରଫୁଲ ଘୋଷ, ତୃପ୍ତୀ ମରୀ ନାୟକ, ଶଙ୍କର୍ଷଣ ମହାନ୍ତ, ଜୟପ୍ରକାଶ ରାଉତ, ଲିପିକା ସୁଂ,ସୁରେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ ପ୍ରଧାନଶିକ୍ଷକ ଫକୀର ଚରଣ ସାହୁ, ମଂଚ ପରିଚଳନା କରିଥିଲେ ବରିଷ୍ଠ ଶିକ୍ଷୟତ୍ରୀ ଦୀପ୍ତୀଶୋଭା ବେହେରା ଏବଂ ଅତିଥିପରିଚୟ ପ୍ରଦାନ କରିଥିଲେ ବରିଷ୍ଠ ଅସରପ୍ରାପ୍ତ ପ୍ରଧାନଶିକ୍ଷକ ପଦ୍ମଲୋଚନ ସାହୁ । ଉପସ୍ଥିତ ନିମନ୍ତ୍ରିତ ଅତିଥି,ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀମାନେ ବିଦାୟୀ ଶିକ୍ଷକ ଭୀମସେନ ମହାନ୍ତଙ୍କ ସ୍ତୁତିଚାରଣ ଓ ତାଙ୍କର କାର୍ଯ୍ୟଦକ୍ଷତା ଉପରେ ଭୂୟସୀ ପ୍ରଶଂସା କରିବା ସହ ତାଙ୍କର ଅବଶିଷ୍ଟ ଜୀବନ ଶାନ୍ତିରେ କଟୁ ବୋଲି ଠାକୁରଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।

## ଅଧାପକଙ୍କୁ ମାଡ ଘଟଣାରେ ପୋଲିସ ତଦନ୍ତ ବାଟବଣା

କେନ୍ଦୁଝର,(ପି.ଏନ): ଘଟଗାଁ ବ୍ଲକ ଢେଙ୍କିକୋଟସ୍ଥିତ ସତ୍ୟନାରାୟଣ ଆଂଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇଂରାଜୀ ଅଧାପକ ଜଗବନ୍ଧୁ ମିଶ୍ର ଙ୍କୁ ସେହି ଶିକ୍ଷାନୁଷ୍ଠାନର ଖେଳ ଶିକ୍ଷକ ଯଶୋବନ୍ତ ପତି ମାଡ ମାରିବା ସହ ଖରାପଭାଷାରେ ଗାଳିଗୁଲଜ କରିଥିବାନେଇ ଘଟଗାଁ ଥାନାରେ ଅଭିଯୋଗ ହୋଇଛି । କେସ ନଂ ୧୫ ଦଫା ୩୪୧, ୨୯୪, ୩୨୩, ୫୦୬, ୩୪(ଆଇପିସି) ରେ ମାମଲା ରୁଜୁ ହୋଇଛି । ଗତ ୧୮ ତାରିଖ ଦିନ ପ୍ରାୟ ୧୧ ଟା ସମୟରେ ବିନା ବୈଠକରେ ଏକ ରିଜୋଲ୍ୟୁସନରେ ଦସ୍ତଖତ କରିବାକୁ ଅଧକ୍ଷ ବାଧ୍ୟ କରିଥିଲେ । ତେବେ ବୈଠକ ନ ବସି ରିଜୋଲ୍ୟୁସନରେ ଦସ୍ତଖତ କରିବେ ନାହିଁ ବୋଲି ଇଂରାଜୀ ବିଭାଗ ଅଧାପକ ଜଗବନ୍ଧୁ ମିଶ୍ର କହିଥିଲେ । ଏହାକୁ ନେଇ କଲେଜ ପରିସରରେ ଖେଳ ଶିକ୍ଷକ ଯଶୋବନ୍ତ ପତି ହଠାତ୍ ଉତକ୍ଷିପ୍ତ ହୋଇ ଅନ୍ୟ କର୍ମଚାରୀଙ୍କ ସମ୍ମୁଖରେ ତାଙ୍କୁ ବାରମ୍ବାର ଚାପୁଡା ମାରିଥିଲେ । ଏପରିକି ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଏତଲାରେ ଲେଖିଛନ୍ତି । ଘଟଗାଁ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରିଥିଲା । ଘଟଗାଁ ପୋଲିସ ତଦନ୍ତ ସମୟରେ ସିସିଟିଭି କ୍ୟାମେରା ହାର୍ଡ ଡିସ୍କ ତୁରନ୍ତ ଜବତ୍ ନ କରିବାର ସୁଯୋଗ ନେଇ କେହି ଏହାର ହାର୍ଡ ଡିସ୍କ ଗାଏବ କରିଥିବା ଘଟଣାର ତଦନ୍ତ ଦାବୀ ହୋଇଛି । ପୋଲିସ ମଧ ଅଭିଯୁକ୍ତ ଙ୍କୁ ୪୧ ନୋଟିସ ଦେଇ ଜାମିନ ଦେଇଥିବାରୁ ମାଡ ଖାଇଥିବା ଅଧାପକ ଭୟଭିତ ହୋଇପଡିଛନ୍ତି । ମାମଲା ରୁଜୁ ହେବା ପରେ ଅଭିଯୋଗକାରୀ ଇଂରାଜୀ ଅଧାପକ ଜଗବନ୍ଧୁ ମିଶ୍ରଙ୍କୁ ଖେଳ ଶିକ୍ଷକ ଯଶୋବନ୍ତ ପତି ଖରାପ ଭାଷାରେ ଗାଳିଗୁଲଜ ସହ ଧମକଚମକ ଦେଇଥିବା ନେଇ ଘଟଗାଁ ଥାନା ଅଧିକାରିଣୀଙ୍କୁ ଫୋନ ଯୋଗେ ଜଣାଇଛନ୍ତି । ବାରମ୍ବାର ଧମକଚମକ ଦିଆଯାଉଥିବାରୁ ଇଂରାଜୀ ଅଧପକ ନିଜକୁ ଅସୁରକ୍ଷିତ ମନେକରି ପୋଲିସ ସୁରକ୍ଷା ଲୋଡିଛନ୍ତି ।

# କ୍ରୀଡା ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ଢେଙ୍କିକୋଟ,(ପି.ଏନ): ଘଟଗାଁ ବ୍ଲକ ଅନ୍ତର୍ଗତ ଢେଙ୍କିକୋଟ ଠାରେ ଥିବା ସର୍ବ ପୁରାତନ ସତ୍ୟନାରାୟଣ ବିଦ୍ୟାପୀଠର କ୍ରୀଡା ଶିକ୍ଷକ ଭୀମସେନ ମହାନ୍ତଙ୍କୁ ଆଜି ବିଦୟାଳୟର ସଭାଗୃହ ଠାରେ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଭାବେ ବିଦ୍ୟାଳୟ ଏମ୍ଏମ୍ଡିସି କୁଳମଣି ମଣ୍ଡଳ, ରବିନ୍ଦ୍ର ସାହୁ, ପ୍ରଦୀପ କୁମାର ଷଡଙ୍ଗୀ, ଅନାଦି ସିଂ ଏବଂ ମୋ ସ୍କୁଲ ଅଭିଯାନର ସଭାପତି ସଂଜୟ କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ । ଅତିଥି ଭାବେ ଏ ବିଦ୍ୟାଳୟରୁ ଅବସର ନେଇଥିବା ପଦ୍ମଲୋଚନ ସାହୁ, ଅନନ୍ତ ଚରଣ ବାରିକ,ରମେଶ ମହାନ୍ତ, କ୍ଷୀରୋଦ କୁମାର ମିଶ୍ର, ପ୍ରଫୁଲ ଘୋଷ, ତୃପ୍ତୀ ମରୀ ନାୟକ, ଶଙ୍କର୍ଷଣ ମହାନ୍ତ, ଜୟପ୍ରକାଶ ରାଉତ, ଲିପିକା ସୁଂ,ସୁରେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ ପ୍ରଧାନଶିକ୍ଷକ ଫକୀର ଚରଣ ସାହୁ, ମଂଚ ପରିଚଳନା କରିଥିଲେ ବରିଷ୍ଠ ଶିକ୍ଷୟତ୍ରୀ ଦୀପ୍ତୀଶୋଭା ବେହେରା ଏବଂ ଅତିଥିପରିଚୟ ପ୍ରଦାନ କରିଥିଲେ ବରିଷ୍ଠ ଅସରପ୍ରାପ୍ତ ପ୍ରଧାନଶିକ୍ଷକ ପଦ୍ମଲୋଚନ ସାହୁ । ଉପସ୍ଥିତ ନିମନ୍ତ୍ରିତ ଅତିଥି,ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀମାନେ ବିଦାୟୀ ଶିକ୍ଷକ ଭୀମସେନ ମହାନ୍ତଙ୍କ ସ୍ତୁତିଚାରଣ ଓ ତାଙ୍କର କାର୍ଯ୍ୟଦକ୍ଷତା ଉପରେ ଭୂୟସୀ ପ୍ରଶଂସା କରିବା ସହ ତାଙ୍କର ଅବଶିଷ୍ଟ ଜୀବନ ଶାନ୍ତିରେ କଟୁ ବୋଲି ଠାକୁରଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।

## ଅବକାରୀ ଚଢାଉ, ୨ ଗିରଫ

ଘଷିପୁରା,(ପି.ଏନ):ଘଷିପୁରା ଥାନା ଅନ୍ତର୍ଗତ ଧକୋଠା, ଜଳନଣ୍ଡା, ନାହଗୁଣ୍ଡା, କୋଳିମାଟି ପ୍ରଭୃତି ଗ୍ରାମରେ କେନ୍ଦୁଝର ଅବକାରୀ ନିରିକ୍ଷକ ସୀତାକାନ୍ତ ମଦୁଲିଙ୍କ ନିର୍ଦ୍ଦେଶ କ୍ରମେ ଘଷିପୁରା ଅବକାରୀ ବିଭାଗ ଆଇଆଇସି ପ୍ରଫୁଲ କୁମାର ମହାନ୍ତ, ଏଏସ୍ଆଇ ନରେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଚଢାଉ କରି ସଂଯୁକ୍ତା ମୁର୍ମୁ,ରଘୁନାଥ ପାତ୍ରଙ୍କୁ ଗିରପ କରି ସେମାନଙ୍କ ଟାରୁ ୩୮ଲିଟର ଦେଶୀ ମଦ ସହିତ ୪୦୦କିଲୋ ମହୁଲ ପୋଚ ଜବତ କରିଥିଲେ । ଏହି ଚଢାଉରେ ଆବକାରୀ ବିଭାଗର କର୍ମଚାରୀ ସୁଶାନ୍ତ କୁମାର ରାଉତ, ସଂଜୀବ କୁମାର ସେଠୀ,ଲକ୍ଷ୍ମଣ କୁମାର ମହାନ୍ତ, ନିବେଦିତା ମାଝୀ ପ୍ରମୁଖ ସହଯୋଗ କରିଥିଲେ ।

## ପଛୁଆବର୍ଗ ଜନଗଣନା ପରେ ମ୍ୟୁନିସିପାଲିଟି, ଏନ୍.ଏ.ସି. ନିର୍ବାଚନ କରିବାକୁ ଦାବି କଲା ସମାଜବାଦୀ ପାର୍ଟି

ଭୁବନେଶ୍ୱର, (ପି.ଏନ): ୨୦୧୮ ମସିହାରେ ହେବାକୁ ଥିବା ୧୦୭ ମ୍ୟୁନିସିପାଲିଟି ଓ ଏନ୍.ଏ.ସି.ର ୧୭୫୬ଟି ୱାର୍ଡ଼ର ନିର୍ବାଚନ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ୪ ବର୍ଷ ପରେ ଏହି ନିର୍ବାଚନ ଅନୁଷ୍ଠିତ ହେବା ପାଇଁ ରାଜ୍ୟ ନିର୍ବାଚନ ଆୟୋଗ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି । ପଞ୍ଚାୟତ ନିର୍ବାଚନ ଭଳି ପଛୁଆବର୍ଗ ଜନଗଣନା ହୋଇନଥିବା ଯୋଗୁ ରାଜ୍ୟର ୫୨ଭାଗ ଓବିସି ୧୭୫୬ଟି ୱାର୍ଡ଼ ମଧ୍ୟରୁ ୪୭୪ଟି ୱାର୍ଡ଼ କାଉନ୍ସିଲାର ପଦବୀ ହରାଇବେ ବୋଲି ସମାଜବାଦୀ ପାର୍ଟି ଅଭିଯୋଗ କରିଛନ୍ତି ।ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଆଜି ଏ ସଂକ୍ରାନ୍ତରେ ରାଜ୍ୟ ନିର୍ବାଚନ ଆୟୋର ଅଧକ୍ଷ ଆଦିତ୍ୟ ପ୍ରସାଦ ପାଢୀଙ୍କୁ ଏକ ଚିଠି ଲେଖି ଦର୍ଶାଇଛନ୍ତି ଯେ, ରାଜ୍ୟର ନଗର ଉନ୍ନୟନ ବିଭାଗର ବିକାଶ ପ୍ରକ୍ରିୟାରୁ ପଛୁଆବର୍ଗ ବାଦ ପଡ଼ିବାକୁ ଯାଉଛନ୍ତି । ୨୦୧୮ ମସିହାର ନିର୍ବାଚନ ୪ ବର୍ଷ ପରେ ୨୦୨୨ ମସିହାରେ ଅନୁଷ୍ଠିତ ହେବ । ଏହାକୁ ଆଉ ୬ ମାସ ଘୁଞ୍ଚାଇ ଦିଆଯାଇ ପଛୁଆବର୍ଗ ଜନଗଣନା କରି ଏହିସବୁ ମ୍ୟୁନିସିପାଲିଟି ଓ ଏନ୍.ଏ.ସି.ର ନିର୍ବାଚନ କରାଗଲେ ରଜ୍ୟର ପଛୁଆବର୍ଗ ତାଙ୍କର ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇପାରନ୍ତେ । ଏହାକୁ ଆଖି ଆଗରେ ରଖି ମାନ୍ୟବର କମିଶନ ଏ ଦିଗରେ ପଦକ୍ଷେପ ନେବାକୁ ଶ୍ରୀ ବେହେରା ତାଙ୍କ ଚିଠିରେ ଦାବି କରିଛନ୍ତି । ଏଠାରେ ଉଲ୍ଲେଖଥାଉକି, ରାଜ୍ୟରେ ପଛୁଆବର୍ଗ ଜନଗଣନା ହୋଇନଥିବା ଯୋଗୁ ମାନ୍ୟବର ସୁପ୍ରିମକୋର୍ଟ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଓବିସି ବର୍ଗଙ୍କର ପ୍ରତିନିଧିତ୍ୱ ଦିଗରେ ପ୍ରତବନ୍ଧକ ଲଗାଇବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ପୋଷ୍ଟର ଚିରିବାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ : ୨ ଅଟକ

ଘଷିପୁରା,(ପି.ଏନ):ଘଷିପୁରା ବ୍ଲକ ଅନ୍ତର୍ଗତ ଖଲଣା ଗ୍ରାମରେ ଚଳିତ ପଂଚାୟତ ନିର୍ବାଚନରେ ନିର୍ବାଚନୀ ପୋଷ୍ଟରକୁ ଖଲଣା ଗ୍ରାମର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଲଗାଇବା ପାଇଁ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିବା ବେଳେ ହାତାହାତି ହୋଇଥିବା ବେଳେ ଖବର ପାଇ ରାମଚନ୍ଦ୍ରପୁର ପୋଲିସ୍ ଘଟଣା ସ୍ଥଳରେ ପହଂଚି ଗ୍ରାମର ମାୟାଧର ସା ଓ ବିପିନ ମାଝୀଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରିଥିବା ଜଣାପଡିଛି । ଏ

## କେନ୍ଦୁଝର ଜିଲ୍ଲା ୬ନଂ ଜୋନ୍ ବିଜେଡି ଜିଲ୍ଲାପରିଷଦ ପ୍ରାର୍ଥୀ ଆଶିଷ ଚକ୍ରବର୍ତ୍ତୀଙ୍କ ନିର୍ବାଚନ ପ୍ରଚାର

କେନ୍ଦୁଝର,(ପି.ଏନ): କେନ୍ଦୁଝର ଜିଲ୍ଲା ୬ନଂ ଜୋନ୍ ବିଜେଡି ଜିଲ୍ଲାପରିଷଦ ପ୍ରାର୍ଥୀ ତଥା କେନ୍ଦୁଝର ଜିଲ୍ଲା ଓକିଲ ସଂଘର ସଭାପତି ଆଶିଷ ଚକ୍ରବର୍ତ୍ତୀ ଚଳିତ ପଞ୍ଚାୟତ ନିର୍ବାଚନରେ ଜିଲ୍ଲାପରିଷଦ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ଆଜି କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଶିରିଷପାଳ ଗ୍ରାମପଂଚାୟତର ରାଙ୍କୀ ଗ୍ରାମକୁ ନିର୍ବାଚନ ପ୍ରଚାରରେ ଯାଇଥିଲେ । ଶ୍ରୀ ଚକ୍ରବର୍ତ୍ତୀ ପ୍ରଥମେ ଗ୍ରାମ ଠାକୁରାଣୀ ମା'ପଚ୍ଚଭୈରବୀଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ । ତା'ପରେ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ଶହ ଶହ ମହିଳା, ଯୁବକ ଏବଂ ପୁରୁଷ ତାଙ୍କୁ ହୁଳହୁଳି, ହରିବୋଲ ଏବଂ ଶଙ୍ଖ ଧ୍ୱନୀରେ ସ୍ୱାଗତ କରି ଗ୍ରାମର ପ୍ରତ୍ୟେକ ଘରକୁ ଘର ପରିକ୍ରମା କରାଇଥିଲେ । ଘରକୁ ଘର ବୁଲିବା ବେଳେ ଶ୍ରୀ ଚକ୍ରବର୍ତ୍ତୀ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବିଜେଡି ସରକାରଙ୍କ ସଫଳ ଜନହିତକର କାର୍ଯ୍ୟକ୍ରମ ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ । ବରିଷ୍ଠ ବ୍ୟକ୍ତିମାନେ ଗ୍ରାମର ଅସୁବିଧା ବାବଦରେ ଜଣାଇବା ପରେ ଶ୍ରୀ ଚକ୍ରର୍ତ୍ତୀ ଆପଣ ମାନଙ୍କ ଆଶିର୍ବାଦ ମୋ ଉପରେ ରହୁ ମୁଁ ବିଜୟୀ ହେବାପରେ ନିଶ୍ଚୟ ଆପଣମାନଙ୍କ ଅସୁବିଧାର ସମାଧାନ କରିବି ବୋଲି ପ୍ରତିଶୃତି ମଧ ଦେଇଥିଲେ । ଏଥିରେ ଆନନ୍ଦିତ ହୋଇ ଗ୍ରାମର ସମସ୍ତ ଜନସାଧାରଣ ଆମ ମାନଙ୍କର ଆଶିର୍ବାଦ ତୁମ ଉପରେ ରହିଲା ତୁମେ ନିଶ୍ଚୟ ବିଜୟଲାଭ କରିବ ବୋଲି କହିଥିଲେ ।

# ଏନ୍ଏସ୍ ପୋଲିସ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କର ଅବସର ଗ୍ରହଣ



କେନ୍ଦୁଝର,(ପି.ଏନ): କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟଠାରେ ଥିବା ସୁନାମଧନ୍ୟ ଉଚ୍ଚ ବିଦ୍ୟାଳୟ ଭାବେ ଜଣାଶୁଣା ନରସିଂହ ସ୍ୱାଇଁ ପୋଲିସ ହାଇସ୍କୁଲର ପ୍ରଧାନ ଶିକ୍ଷକ ଇନ୍ଦ୍ରମଣୀ ମହାନ୍ତ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଏବଂ ସ୍କୁଲ କର୍ମଚାରୀ ଶ୍ରୀ ମହାନ୍ତଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ । ଶ୍ରୀ ମହାନ୍ତ ଏହି ବିଦ୍ୟାଳୟର ଜଣେ ଛାତ୍ରବତ୍ସଳ ପ୍ରଧାନ ଶିକ୍ଷକ ଭାବେ ପରିଚିତ ଥିଲେ । ଏହି ଅବସରରେ ଏକ ବିଦାୟ କାଳୀନ ସଭା ଆୟୋଜିତ ହୋଇଥିଲା । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୟ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା ସଭା କରାଯାଇଥିଲା । ଏଥିରେ ଶ୍ରୀ ମହାନ୍ତଙ୍କ ବିଦ୍ୟାଳୟରେ କାର୍ଯ୍ୟ ସମୟର ସ୍ମୃତି ଚାରଣ କରାଯାଇଥିଲା ଏବଂ ଅବସର ପରେ ତାଙ୍କର ସୁସ୍ଥ ଓ ନିରାମୟ ଜୀବନ କାମନା କରାଯାଇଥିଲା । ପରେ ପରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ପକ୍ଷରୁ ପୁଷ୍ପ ଗୁଚ୍ଛ ଉପଢୌକନ ପ୍ରଦାନ କରାଯାଇଥିଲା । ବିଦାୟୀ ପ୍ରଧାନ ଶିକ୍ଷକ ମହାପାଟ ହାଇସ୍କୁଲ ବାଇକଳାରେ ୧୯୮୩ ମସିହା ଚାକିରୀ ଜୀବନ ଆରମ୍ଭ କରିଥିଲେ । ପରେ ସାହାରପଡା ହାଇସ୍କୁଲରୁ ପଦୋନ୍ନତି ପାଇ ପ୍ରତିଷ୍ଠିତ ଏନ୍ଏସ୍ ପୋଲିସ ହାଇସ୍କୁଲର ପ୍ରଧାନ ଶିକ୍ଷକ ଭାବେ ଯୋଗ ଦେଇଥିଲେ ।

## ଛେଳି ଚୋରି ଘଟଣାରେ ୩ ଗିରଫ

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ଥାନା ଅନ୍ତର୍ଗତ ରିଙ୍ଗରୋଡ୍ ଠାରେ ଗତ ୩୦ତାରିଖ ଦିନ ୨ଟା ବେଳେ ଏକ ଧଳା ରଙ୍ଗର ଇଣ୍ଡିକୋ କାର ଓଡି୦୨-୧୭୮୯ କାର ଯୋଗେ କଳା ରଙ୍ଗର ଏକ ମାଇଛେଳି ଚୋରି କରି ନେଇ ଯାଇଥିଲେ । ଛେଳି ଚୋରିଟି ମମତା ମୁଖୀଙ୍କର ହୋଇଥିବା ବେଳେ ଆଗରୁ ମଧ ଦୁଇଥର ଛେଳି ହଜିଥିବା ନେଇ ମମତା ଆନନ୍ଦପୁର ଥାନାରେ ଏକ ଏତଲା ଦେଇଥିଲେ । ଏତଲାକୁ ଭିତ୍ତି କରି ଆନନ୍ଦପୁର ପୋଲିସ୍ ତଦନ୍ତ ଆରମ୍ଭ କରିଥିବା ବେଳେ ୩୧ତାରିଖ ଦିନ ଆନନ୍ଦପୁର ପୌରପରିଷଦ ୭ନଂ ୱାର୍ଡର ମୁନା ମୁଖୀ, ବୁଟୁଲୁ ମୁଖୀ, ଆକାଶ ଦଲେଇଙ୍କୁ ଗିରଫ କରି ଥାନାକୁ ଆଣିଥିବା ବେଳେ ଛେଳି ବିକ୍ରୀ ସମୟରେ ଜଣେ ପ୍ରତ୍ୟକ୍ଷ ଦର୍ଶୀଙ୍କ ନଜରରେ ଆସିଥିବା ବେଳେ ସେ ମୁନା ମୁଖୀଙ୍କୁ ପଚାରିଥିଲେ ଛେଳିଟି କାହାର ବୋଲି । ମୋ ଦେଇ ଘରୁ ଛେଳିଟି ଆଣିଛି ବିକ୍ରୀ କରି ଗାଡି କିସ୍ତି ବୁଝିବାକୁ ବୋଲି କହିଥିଲେ । ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନକୁ ଭିତ୍ତି କରି ୩ଜଣ ଗିରଫ ହୋଇଥିବା ଛେଳି ଚୋରଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଆନନ୍ଦପୁର ସହରରେ ଛୋଟବଡ ଚୋରି କରୁଥିବା ଅସାମାଜିକଙ୍କ ବିରୁଦ୍ଧରେ ଆନନ୍ଦପୁର ଥାନା ପକ୍ଷରୁ ତଦନ୍ତ କରାଯାଇଥିବା ଆଇଆଇସି ମନୋରନ ପ୍ରଧାନ ସୂଚନା ଦେଇଥିଲେ ।


## ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ

### ବିଜ୍ଞାପନ

ଏତଦ୍ୱାରା ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ,

୧) ଚଳିତ ଖରିଫ ୨୦୨୧-୨୨ ନିମନ୍ତେ, ଓଡିଶା ସରକାର ଓ ଜିଲ୍ଲା ପ୍ରଶାସନର ନିଷ୍ପତି କ୍ରମେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦରରେ ୧୩୪ ଗୋଟି ପ୍ରାଥମିକ କୃଷି ସମବାୟ ସମିତି, ୪୪ ଗୋଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ୧ ଗୋଟି ପାଣି ପଞ୍ଚାୟତ ମାଧ୍ୟମରେ ଜିଲ୍ଲା ଯୋଗାଣ ନିଗମ ଦ୍ୱାରା FAQ ମାନର ଧାନ କ୍ରୟ କରିବା ପାଇଁ ବ୍ୟବସ୍ଥା କରାଯାଇଛି ।

୨) ଚାଷୀ ଭାଇ ଭଉଣୀ ମାନେ ସେମାନଙ୍କର ବଳକା ଧାନକୁ ଶୁଖାଇ, ସଫା ସୁତୁରା କରି ଧାନ କ୍ରୟ କେନ୍ଦ୍ରକୁ ଆଣିବେ ।

୩) ପୂର୍ବରୁ ପଞ୍ଜିକୃତ ଚାଷୀ ଭାଇ ଓ ଭଉଣୀ ମାନେ ସେମାନଙ୍କର ବଳକା ଧାନ ବିକ୍ରୟ କରିବାକୁ ସୁଯୋଗ ପାଇପାରିବେ ।

୪) ଚଳିତ ଖରିଫ ଧାନ (K.M.S 2021-22) ବିକ୍ରି ସମ୍ବନ୍ଧୀୟ ତଥ୍ୟ IVRS – ମାଧ୍ୟମରେ ପ୍ରଦାନର ବ୍ୟବସ୍ଥା କରାଯାଇଛି । ଚାଷୀ ଭାଇ ମାନେ ପଞ୍ଜିକୃତ ମୋବାଇଲରୁ " ୧୯୬୭" ନମ୍ବରକୁ କଲ କରି ସବିଶେଷ ତଥ୍ୟ ପାଇପାରିବେ ।

୫) P-PAS ବ୍ୟବସ୍ଥା ମାଧ୍ୟମରେ ଚାଷୀମାନଙ୍କ ଠାରୁ ଧାନ କ୍ରୟ କରାଯିବା ସହ ଧାନ ବିକ୍ରୟ ମୂଲ୍ୟ ଚାଷୀଙ୍କ ଜମା ଖାତାକୁ ଅନଲାଇନ ମାଧ୍ୟମରେ ପୈଠ କରାଯିବାର ବ୍ୟବସ୍ଥା କରାଯାଇଛି ।

୬) ଚଳିତ ଖରିଫ ୨୦୨୧-୨୨ ବର୍ଷ ନିମନ୍ତେ ସରକାରଙ୍କ ଦ୍ୱାରା ଧାନର ନିର୍ଦ୍ଧାରିତ FAQ ମାନ ଓ ଦର ।

| କ୍ର.ନଂ | ଧାନରେ ମିଶ୍ରିତ ବାହ୍ୟ ପଦାର୍ଥ | FAQ ମାନ | FAQ ମାନ ଧାନର ଦର | |
|---|---|---|---|---|
| | | | ଧାନର କିସମ | କ୍ୱିଣ୍ଟାଲ ପ୍ରତି ଦର |
| ୧ | ବାଲି, ମାଟି, ଗୋଡି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ | ୧% | | |
| ୨ | କାଠି, କୁଟା, ଅଗାଡି ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧% | ସାଧାରଣ ଧାନ (FAQ ମାନ) | ଟ.୧,୯୪୦.୦୦ |
| ୩ | ଖରାପ, ବେରଙ୍ଗ, ପାଣିଫୁଲା ବା ପୋକା ଇତ୍ୟାଦି (*ଖରାପ, ପାଣିଫୁଲା ଓ ପୋକା ମିଶି ୫% ରୁ ଅଧିକ ହେବ ନାହିଁ) | ୪%* | | |
| ୪ | ଅପରିପକ୍ୱ, ସବୁଜ, ବଙ୍କା ବା ସଙ୍କୁଚିତ ଧାନ | ୩% | | |
| ୫ | ସରୁ ଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ ଏ ଧାନ ନିମନ୍ତେ) | ୬% | ଗ୍ରେଡ 'ଏ' ଧାନ (FAQ ମାନ) | ଟ.୧,୯୬୦.୦୦ |
| ୬ | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭% | | |

"ସଫା, ଶୁଖିଲା, ସମରଙ୍ଗୀ ଓ ସମଆକାର ଧାନ ଆଣନ୍ତୁ, ସରକାରଙ୍କ ଦ୍ୱାରା ଧାର୍ଯ୍ୟ ମୂଲ୍ୟ ପାଆନ୍ତୁ"

ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ

ଉପ-ଜିଲ୍ଲାପାଳ, ଛତ୍ରପୁର-ତଥା- ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ





2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada






# ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି ଓ ଚାଷୀଙ୍କ ସମସ୍ୟା ସମାଧାନ ଦାବିରେ ବ୍ଲକ ଘେରାଉ



ଖଣ୍ଡପଡା,(ପି.ଏନ): ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯାଉଥିବା ମାସିକ ଭତା ବୃଦ୍ଧି ଦାବି ସହ ଧାନମଣ୍ଡିରେ ଚାଷୀଙ୍କୁ ଶୋଷଣ କରାଯାଉଥିବାରୁ ସମସ୍ୟାର ସମାଧାନ ଦାବିରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ବୁଧବାର ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ନୟାଗଡ ଜିଲ୍ଲା ସହ ସଂଯୋଜିକା ମମତା ନାଥ, ରଂଜିତ ଦଳବେହେରାଙ୍କ ନେତୃତ୍ୱରେ ୫୦୦ରୁ ଉର୍ଦ୍ଧ ବୃଦ୍ଧ, ବୃଦ୍ଧା ଓ ଚାଷୀ ପରିବାର ମା ଉମାଦେବୀଙ୍କ ମନ୍ଦିର ପରିସରରୁ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ବାହାରି ଖଣ୍ଡପଡା ସହର ପରିକ୍ରମା କରିବା ପରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଁଚି ହରତାଳ କରିଥିଲେ । ରାଜ୍ୟ ସରକାରଙ୍କ କୃଷକମାରଣ ନୀତିକୁ କୃଷକ ସଂଗଠନର ନେତାମାନେ କଟୁ ସମାଲୋଚନା କରିଥିଲେ । ଧାନମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ସାଙ୍ଗକୁ ମିଲରଙ୍କ ନିର୍ଦ୍ଦେଶରେ ଧାନକ୍ରୟ ବେଳେ କ୍ୱିଂଟାଲ ପିଛା ୧୦ରୁ ୧୫ କେଜି ଧାନ କଟାଯାଉଥିବାରୁ ଆଗାମୀ ଦିନରେ ଏହା ବିରୁଦ୍ଧରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସଂଗଠନର ସଦସ୍ୟମାନେ ଚେତାବନୀ ଦେଇଥିଲେ । ଖଣି ଖାଦାନରେ ଭରପୁର ଓଡିଶା ରାଜ୍ୟରେ ବାର୍ଦ୍ଧକ୍ୟ ଓ ବିଧବା ଭତା ବାବଦରେ ୫୦୦ରୁ ୭୦୦ ଟଙ୍କା ପ୍ରଦାନ କରାଯାଉଛି । ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ସମେତ ଅନ୍ୟ ୨୨ ଗୋଟି ରାଜ୍ୟରେ ବୃଦ୍ଧବୃଦ୍ଧାମାନଙ୍କୁ ମାସିକ ୨୦୦୦ରୁ ୨୫୦୦ ଟଙ୍କା ଭତା ପ୍ରଦାନ କରାଯାଉଥିବା ନେଇ ଶ୍ରୀ ନନ୍ଦ ସୂଚନା ଦେଇଥିଲେ । ତେଣୁ ରାଜ୍ୟ ସରକାର ବୃଦ୍ଧବୃଦ୍ଧାମାନଙ୍କର ଭତା ମାସିକ ୨ହଜାର ଟଙ୍କାକୁ ବୃଦ୍ଧି କରିବାକୁ ଦାବି କରିଥିଲେ । ଖଣ୍ଡପଡା ଓ ଭାପୁର ବ୍ଲକ ଅଧିନ ସମସ୍ତ ପଂଚାୟତରେ ୬୫ରୁ ୭୦ ବର୍ଷରୁ ଉର୍ଦ୍ଧ ବୃଦ୍ଧବୃଦ୍ଧାମାନଙ୍କୁ ଏବେବି ଭତା ମିଳୁନଥିବାରୁ ତୁରନ୍ତ ସେମାନଙ୍କୁ ଚିହ୍ନଟ କରି ବ୍ଲକ ପ୍ରଶାସନ ଭତ୍ତା ପ୍ରଦାନ କରିବାକୁ ସଂଗଠନର ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଦୁର୍ଗାପ୍ରସାଦ ଦାଶ ଦାବି କରିଥିଲେ । ସଂଗଠନର ସଦସ୍ୟମାନେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଖଣ୍ଡପଡା ବ୍ଲକ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିଥିଲେ । ସେହିପରି ଭତା ଟଙ୍କା ପାଇବାରୁ ବଂଚିତ ହିତାଧିକାରୀମାନଙ୍କର ଆବେଦନପତ୍ର ଗୁଡିକ ବ୍ଲକ ଯୋଗାଣ ନୀରିକ୍ଷକ ସୁବାସ ବିଶ୍ୱାଳଙ୍କୁ ପ୍ରଦାନ କରାଯାଇଥିଲା । ଆସନ୍ତା ୧ ମାସ ମଧ୍ୟରେ ଭତାରୁ ବଂଚିତ ହିତାଧିକାରୀମାନେ ଭତା ବାବଦ ଟଙ୍କା ନପାଇଲେ ପୁନର୍ବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସଂଗଠନର ସଦସ୍ୟମାନେ ଚେତାବନୀ ଦେଇଥିଲେ ।

# ଭୁଷଣ୍ଡପୁର ପଂଚାୟତରେ ବିଜେଡ଼ି ସମର୍ଥୀତ ସରପଂଚ ଓ ସମିତିସଭ୍ୟ ପ୍ରାର୍ଥୀଙ୍କ ଭୋଟ ଭିକ୍ଷା

ଚଣ୍ଡିଖୋଲ ,(ପିଏନ୍): ବଡ଼ଚଣା ବ୍ଲକ ଅନ୍ତର୍ଗତ ଭୁଷଣ୍ଡପୁର ପଂଚାୟତର ବିଜେଡ଼ି ସମର୍ଥୀତ ସରପଂଚ ପ୍ରାର୍ଥୀ ଯଯାତି କେଶରୀ ରାଉତ ଓ ସମିତି ସଭ୍ୟ ଜଗନ୍ନାଥ ମୁଦୁଲି ପ୍ରତ୍ୟେକ ଗ୍ରାମକୁ ଯାଇ ଭୋଟର ମାନଙ୍କୁ ସାକ୍ଷାତ କରି ଭୋଟ ଭିକ୍ଷା ଜାରି ରଖିଛନ୍ତି । ଆଜି ପଂଚାୟତର ରାଣୀବନ୍ଧୀ ଗ୍ରାମକୁ ଦୁଇ ପ୍ରାର୍ଥୀ ଓ ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟ ପ୍ରଭାକର ସାମଲ, ଉଦ୍ଧବ ସାମଲ, କନକ ସିଂହ, ଉତ୍ତମା ସାମଲ ଓ ୧୨ନଂ ୱାର୍ଡ଼ର ୱାର୍ଡ଼ ସଭ୍ୟା ପ୍ରାର୍ଥୀ ଜ୍ୟୋତ୍ସ୍ନା ସାମଲ ଭୋଟର ମାନଙ୍କୁ ସାକ୍ଷାତ କରିଥିଲେ ଓ ଆସନ୍ତା ପଂଚାୟତ ନିର୍ବାଚନରେ ଆମ ସପକ୍ଷରେ ଭୋଟ ଦେଇ ଆମକୁ ଜିତାଇବାକୁ ଅନୁରୋଧ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୀର୍ଘ ୨୧ବର୍ଷ ଶାସନ କାଳରେ ବିଗତ ୫ବର୍ଷ ମଧ୍ୟରେ ସରପଂଚ ପ୍ରାର୍ଥୀ ଯଯାତି କେଶରୀ ରାଉତ ସରପଂଚ ଥିବା ସମୟରେ ପଂଚାୟତର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ, ବାର୍ଦ୍ଧକ୍ୟ ବିଧବା ଭତ୍ତା ପ୍ରଦାନ, ଗାଁ କଲ୍ୟାଣ ସମିତି କରାଇ ଗ୍ରାମର ପରିବେଷକୁ ସୁରକ୍ଷା, ସ୍ୱୟଂ ସହାୟକ ଗୋଷ୍ଠୀ କରାଇ ପ୍ରତ୍ୟେକ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଓ ପଂଚାୟତର ବିଭିନ୍ନ ଗ୍ରାମରେ ଭଲ କାମ କରିଛନ୍ତି ଓ ଆସନ୍ତା ନିର୍ବାଚନରେ ସରପଂଚ ପ୍ରାର୍ଥୀ ଭାବେ ବିଜୟୀ ହେଲେ ପଂଚାୟତର ବାକି ଥିବା କାର୍ଯ୍ୟକୁ ସମ୍ପୂର୍ଣ୍ଣ ଭାବେ ପୂରଣ କରିବା ପାଇଁ ସାଧାରଣ ଭୋଟରଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ।



## ସଂସ୍କୃତ ପରୀକ୍ଷାରେ କୃତୀ ଛାତ୍ରୀଙ୍କୁ ୨୦ ହଜାର ଟଙ୍କା ପୁରସ୍କାର

ଖଣ୍ଡପଡା,(ପି.ଏନ): ଖଣ୍ଡପଡା ପଠାଣି ସାମନ୍ତ ମହାବିଦ୍ୟାଳୟର ଛାତ୍ରୀ କୁମାରୀ ଇପସିତା ସାହୁ ବାର୍ଷିକ ସଂସ୍କୃତ ପରୀକ୍ଷାରେ ସର୍ବୋଚ୍ଚ ୭୬.୬୫ ପ୍ରତିଶତ ନମ୍ବର ରଖି ଓଡିଶା ସରକାରଙ୍କ ଠାରୁ ପୁରସ୍କାର ବାବଦରେ ୨୦ ହଜାର ଟଙ୍କା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଛାତ୍ରୀ ଇପସିତା ଖଣ୍ଡପଡା ବ୍ଲକ ଅଧିନ ବନମାଳୀପୁର ବଡସାହିର ଆଦର୍ଶ ଶିକ୍ଷକ ରମାକାନ୍ତ ସାହୁଙ୍କ କନ୍ୟା ଅଟନ୍ତି । ଛାତ୍ରୀଙ୍କ ଏହି ସଫଳତାକୁ ନେଇ ଗ୍ରାମବାସୀ ଓ ସହପାଠୀମାନେ ଆନନ୍ଦ ପ୍ରକାଶ କରିଛନ୍ତି।

## ଜନକଲ୍ୟାଣ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସ୍ମୃତି ସଭା

ବାଙ୍କୀ,(ପି.ଏନ): ବୁଧବାର ଦିନ ଜନକଲ୍ୟାଣ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସ୍ୱର୍ଗତ ଡାକ୍ତର ଧନେଶ୍ୱର ସାହୁଙ୍କ ବିୟୋଗରେ ସଂଘ କାର୍ଯ୍ୟାଳୟ ପରିସରରେ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି । ଜନକଲ୍ୟାଣ ନାଗରିକ ସଂଘର ସମସ୍ତ ସଭ୍ୟ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ ।

# ଯୁବଗୋଷ୍ଠୀଙ୍କୁ ଆକୃଷ୍ଟ କରୁଛି ଡ଼ାଉନ୍-ଟାଉନ୍



ଭୁବନେଶ୍ୱର,(ପି.ଏନ): ବ୍ୟସ୍ତବହୁଳ ଏ ଜୀବନ ଭିତରେ ସମସ୍ତଙ୍କୁ ଟିକେ ମଜା ମସ୍ତିର ପସରା ଦରକାର । ବ୍ୟସ୍ତତା ଭିତରେ ଟିକିଏ ଖାଲିସମୟକୁ ଉପଭୋଗ କରିବା ପାଇଁ ସଭିଏଁ ଅନେଇବସିଥାନ୍ତି । ପ୍ରତ୍ୟେକ ମୁହୂର୍ତ୍ତକୁ ଉପଭୋଗ କରି ଜୀଇଁବା ହିଁ ଜୀବନର ମୂଳମନ୍ତ୍ର । ଏସବୁ ପାଇଁ ରାଜଧାନୀରେ ଏବେ ଭଳିକି ଭଳି କ୍ଲବ , ରେଷ୍ଟୁରାଣ୍ଟ ଆଉ କାଫେ ର ସମାହାର । ତେବେ ଯୁବବର୍ଗଙ୍କୁ ଆକୃଷ୍ଟ କରିବା ପାଇଁ ଏସବୁ ହିଁ ପ୍ରମୁଖ ଭୂମିକା ନେଉଛି । ସେମିତି ଏକ କାଫେ ବର୍ତ୍ତମାନ ଯୁବଗୋଷ୍ଠୀଙ୍କୁ ଅଧିକ ଆକୃଷ୍ଟ କରୁଛି- ଡ଼ାଉନ୍ ଟାଉନ୍ । ସମ ହସ୍ପିଟାଲ ରୋଡ଼ ନିକଟସ୍ଥ ଡ଼ାଉନ ଟାଉନରେ ସନ୍ଧ୍ୟା ହେଲେ ଏବେ ଯୁବଗୋଷ୍ଠୀଙ୍କ ଭିଡ଼ ଜମୁଛି । ମନୋରମ ପରିବେଶ ସାଙ୍ଗକୁ ସୁନ୍ଦର ଡ଼ିଜାଇନ ସମସ୍ତଙ୍କୁ ସହଜରେ ଆକୃଷ୍ଟ କରୁଛି । ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ସାମଗ୍ରୀ, ହୁକ୍କା ଆଉ ମକଟେଲରେ ଭରପୁର ଏ କାଫେ । କର୍ମଚାରୀ ମାନଙ୍କ ସୁନ୍ଦର ବ୍ୟବହାର ସାଙ୍ଗକୁ କମ୍ କୋଳାହଳ ରହୁଥିବାରୁ ଏହା ସମସ୍ତଙ୍କ ପସନ୍ଦର କାଫେ ପାଲଟିଛି । ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ଏହା ଏବେ ଏକ ଉପଭୋଗ କରିବାର ମାଧ୍ୟମ ପାଲଟିଯାଇଛି ।

# ବିରଜା ଦେବୀଙ୍କ ବାଲୁକା ଶିଳ୍ପ ଲୋକାର୍ପିତ



ଯାଜପୁର,(ପି.ଏନ): ପବିତ୍ର ବିରଜା ଦେବୀଙ୍କ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ମନ୍ଦିରର ଉତ୍ତର ଦ୍ୱାର ପାର୍ଶ୍ୱସ୍ଥ ସ୍ଥାନରେ ଶିଳ୍ପୀ ପ୍ରଶାନ୍ତ ରାଉତଙ୍କ ଦ୍ୱାରା ନିର୍ମିତ ବିରଜା ଦେବୀଙ୍କ ବାଲୁକା ଶିଳ୍ପ ଆୟୋଜକ ମା'ଟିଭି ପକ୍ଷରୁ ବିଶିଷ୍ଟ ବ୍ୟକ୍ତଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଅଛି । ମନ୍ତ୍ର ଧ୍ୱନି, ଶଙ୍ଖ ଧ୍ୱନି, ଦୀପ ପ୍ରଜ୍ୱଳନ, ପୁଷ୍ପାଞ୍ଜଳି, ହୁଳହୁଳି, ଜୟ ମା ଧ୍ୱନି ପୂର୍ବକ ଲୋକାର୍ପିତ ଉତ୍ସବରେ ପ୍ରାକ୍ତନ ପୌରାଧକ୍ଷ ଭବପ୍ରସାଦ ଦାସ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ଅକ୍ଷୟ କୁମାର ମଲ୍ଲିକ, ଯଜ୍ଞପ୍ରଭାର ସମ୍ପାଦକ ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ମୁକ୍ତି ମଣ୍ଡପ ସେବାୟତ ପରିଷଦର ସଭାପତି ଦେବୀ ପ୍ରସାଦ ପାଣି, ବରିଷ୍ଠ ସେବାୟତ ପଣ୍ଡିତ ସୁବାସ ଚନ୍ଦ୍ର ପାଣି, ବରୁଣେଶ୍ୱର ମହାବିଦ୍ୟାଳୟ ଅଧ୍ୟକ୍ଷ ବଟକୃଷ୍ଣ ମହାପାତ୍ର, ଅଧ୍ୟାପିକା ବିନ୍ଦୁରେଖା ମହାପାତ୍ର, ମା'ଟିଭି ପରିଚାଳିକା ମଞ୍ଜୁଲତା ରାଉତରାୟ, ପ୍ରାକ୍ତନ ପୌର ଉପା-ଧକ୍ଷ ସନ୍ତୋଷ କୁମାର ମଲ୍ଲିକ, ଡକ୍ଟର ସତ୍ୟରଞ୍ଜନ ପତି, ବରିଷ୍ଠ ସାମ୍ବାଦିକ ହରିହର ସ୍ୱାଇଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପ୍ରଭାତ ରାଉତରାୟଙ୍କ ଦ୍ୱାରା ସୃଷ୍ଟ ବାଲୁକା ଶିଳ୍ପ ଓ ସ୍ୱର୍ଗତ ରାଉତରାୟଙ୍କ କାର୍ଯ୍ୟଧାରାକୁ ସ୍ମରଣ କରିବା ସହିତ ପୁଷ୍ପାଞ୍ଜଳି ପ୍ରଦାନ ପୂର୍ବକ ଲୋକାର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ପ୍ରବଚକ ଅଧିକାରୀ ନବ କିଶୋର ଦାସ, ବିରଜା ସାହିତ୍ୟ ସଂସ୍କୃତି ଗବେଷଣା ପରିଷଦର ସଭାପତି ସାର ନଟବର ଦାସ, ଶିକ୍ଷକ ପ୍ରଶାନ୍ତ କୁମାର ରାଉତରାୟ, ବିରଜା ଷ୍ଟାର ଟିଭିର ସଭାପତି କେଶବ ଚନ୍ଦ୍ର ରାଉତ, ପ୍ରାକ୍ତନ ପାରିଷଦ ସୁରେନ୍ଦ୍ର କୁମାର ରଣା, ବରିଷ୍ଠ ସେବାୟତ ପଣ୍ଡିତ ଜଗନ୍ନାଥ ପାଣି, ପଣ୍ଡିତ ସୁକାନ୍ତ ପାଣି, ପଣ୍ଡିତ ନଗେନ୍ଦ୍ର ଭୂଷଣ କର, ପଣ୍ଡିତ ଦିଗମ୍ବର ପାଣି, ରଣଜିତ୍ ପାଣି, ବିକାଶ ପାଣି, ଆଇନ୍‌ଜୀବୀ ପ୍ରଭାତ ଦାସ, ମା'ଟିଭି ସମ୍ବାଦ ପାଠକ ମିନକେତନ ସାହୁ, ଅନ୍ୱେଷଣ ଥିଏଟର ଗ୍ରୁପର ସମ୍ପାଦକ ଅଭିମନ୍ୟୁ ମିଶ୍ର, ସମାଜସେବୀ ପାଣ୍ଡବ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ମା'ଟିଭିର ପରିଚାଳକ ଅର୍ପଣ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଦିବସର ଦ୍ୱିତୀୟ ଭାଗରେ ସ୍ୱ-ନକ୍ଷତ୍ର ଉତ୍ସବ କୋଭିଡ୍-୧୯ ସମସ୍ତ ନୀୟମାବଳି ପାଳନ ପୂର୍ବକ ବିରଜା ସଂସ୍କୃତି ପ୍ରଚାର ସମିତି ଆନୁକୂଲ୍ୟରେ ଗ୍ରିନ୍ ଅକ୍ସଫୋର୍ଡ଼ ମଡେ୍‌ଲ ସ୍କୁଲ ପରିସରରେ ସମିତି ଅଧ୍ୟକ୍ଷ ଯଜ୍ଞପ୍ରଭାର ସମ୍ପାଦକ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଯାଇଅଛି । ପଣ୍ଡିତ ସୁବାସ ଚନ୍ଦ୍ର ପାଣି, ସେବାୟତ ପରିଷଦର ସଭାପତି ଦେବୀ ପ୍ରସାଦ ପାଣି ମିଳିତଭାବେ ଉତ୍ସବ ଉଦ୍‌ଘାଟନ କରିଥିଲେ । ବିଶିଷ୍ଟ ପ୍ରବଚକ ଅଧିକାରୀ ନବକିଶୋର ଦାସ ଯଜ୍ଞପ୍ରଭା ପୁସ୍ତକର ଲୋକାର୍ପଣ କରିଥିଲେ । ମା'ବିରଜା ପ୍ରେମୀ ଶ୍ରଦ୍ଧାଳୁ ସାମ୍ବାଦିକ ଘନ ପରିଡ଼ା, ଡକ୍ଟର ସତ୍ୟରଂଜନ ପତି, ବରିଷ୍ଠ ସାମ୍ବାଦିକ ହରିହର ସ୍ୱାଇଁ, ନଟବର ଦାସ, ପ୍ରଶାନ୍ତ ରାଉତରାୟ, ଆଇନଜୀବୀ ପ୍ରଭାତ ଦାସ, ସାମ୍ବାଦିକ ତପନ ମହାରଣ୍ୟ ଶର୍ମା, ସମ୍ପାଦକ ଅଭିମନ୍ୟୁ ମିଶ୍ର, ବାର୍ତ୍ତା ସମ୍ପାଦକ ମିନକେତନ ସାହୁ, ଏସ୍ ସୌରି ରଂଜିତା, ଅଧ୍ୟାପକ କୈଳାସ ବେହେରା ପ୍ରମୁଖ ଯୋଗଦେଇ ବିରଜା ମା'ର ମହାତ୍ମ୍ୟ ବନ୍ଦନା, ଭଜନ, ଶ୍ଳୋକ ଗାନ କରିଥିଲେ । ଶେଷରେ ମା'ଟିଭିର ସମ୍ପାଦକ ଅର୍ପଣ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ । ସନ୍ଧ୍ୟା ସମୟରେ ଓଡ଼ିଶା ଡ୍ରାଇଭର ମହାସଂଘ ଯାଜପୁର ଆନୁକୁଲ୍ୟରେ ମା'ବିରଜା ଦେବୀଙ୍କ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ମା'ବିରଜା ବାଲୁକା ଶିଳ୍ପ ସମ୍ମୁଖରେ ଡ୍ରାଇଭର ଭାଇମାନେ ଏକ ଜୁଟ ହୋଇ ୨୦୧ ଗୋଟି ଭକ୍ତିପୂତ ଦୀପ ପ୍ରଜ୍ୱଳନ କରି ମା'ଙ୍କ ଠାରୁ ଆଶିଷ ପ୍ରଦାନ ନିମନ୍ତେ ପ୍ରାର୍ଥନା କରିଥିଲେ ।


ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray